ମୂଲ୍ୟ: ₹୧/-

ଧରିତ୍ରୀ
DHARITRI

# ସାହିତ୍ୟାଞ୍ଚଳ

୧୯ ସେପ୍ଟେମ୍ବର-୨ ଅକ୍ଟୋବର, ୨୦୧୮

**ଭାରତ-ଭାରତୀ :** ଭି.ଏସ୍. ନଇପଲ୍
**ପହିଲି ପୁଲକ :** ସୟଦ୍ ସଫିର୍ ଅଲି
**ପ୍ରଥମ ବହି :** ଅଭୟ କୁମାର ଶତପଥୀ
**ସ୍ମରଣୀୟ :** ମହାଶ୍ୱେତା ସାହୁ





# ଫୁଲଝୁଡ଼ି


**ଅଭୟ କୁମାର ଶତପଥୀଙ୍କ ଜନ୍ମ ୧୯୬୫ରେ, ଗଞ୍ଜାମରେ। ବୃତ୍ତି ଭୁବନେଶ୍ୱରରେ ଓକିଲାତି। ଗଳ୍ପ, କବିତା ତଥା ଆଇନ ବହି ଲେଖିବା ତାଙ୍କର ରୁଚି।**

ସ୍କୁଲ୍‌ରେ ପଢୁଥିବା ସମୟରେ ମୋର ବହୁ ଶିଶୁ କବିତା, ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ। କଲେଜରେ ପାଠ ପଢ଼ିବା ସମୟରେ ବହିଟିଏ ପ୍ରକାଶ କରିବାର ଆଶାନେଇ ନିଜ ରଚିତ କବିତାଗୁଡ଼ିକୁ ସଂଗ୍ରହ କରିଥିଲି, ଯାହା ଇତସ୍ତତଃ ହୋଇ ରହିଥିଲା। ବହିଟିଏ ପ୍ରକାଶ ପାଇଁ ତ ପ୍ରକାଶକଟିଏ ଦରକାର! ଏଥିପାଇଁ ଟଙ୍କା ଆସିବ ବା କେଉଁଠୁ! ଏହି ଭାବନାରେ




ଘାରି ହେଇ ରହିଥିଲାବେଳେ ଦିନେ ସାହସ ସଞ୍ଚୟ କରି ମନକଥା ମୋ' ବାପା ଇଞ୍ଜିନିୟର ବିଜୟ କୁମାର ଶତପଥୀ ଓ ବୋଉ ସରଜ ଶତପଥୀଙ୍କୁ କହି ବସିଲି। ସେତେବେଳକୁ ମୁଁ ଏମ୍.ବି.ଏ.ର ଛାତ୍ର। ଭୁବନେଶ୍ୱରରେ ପଢୁଥାଏ। ବହି ପ୍ରକାଶନ ପାଇଁ ବାପା, ବୋଉଙ୍କ ପ୍ରେରଣା ଓ ଉତ୍ସାହ ମୋ' ଜୀବନର ଏକ ଅଭୁଲା ସ୍ମୃତି। କବିତା ସଂକଳନଟି ବହି ଆକାରରେ ପ୍ରକାଶ କରିବା ପାଇଁ ବାପା, ବୋଉଙ୍କଠୁ ଟଙ୍କା ଆଣି ଛାପାଖାନାରେ ଦେଇଥିଲି। ପ୍ରକାଶିକା ମୋ' ବୋଉ। ବହିଟିକୁ ମଧ୍ୟ ଉତ୍ସର୍ଗ କରିଥିଲି ବୋଉଙ୍କୁ।

ଚବିଶଟି କବିତାକୁ ନେଇ ସଂକଳନଟି ବହି ଆକାରରେ ପ୍ରକାଶ ପାଇଥିଲା, ଯାହାର ନାଁ ଥିଲା 'ଫୁଲଝୁଡ଼ି'। ଏହା ମୋର ପ୍ରଥମ ବହି। ୧୯୯୦ ମସିହା ଗହ୍ମାପୂର୍ଣ୍ଣିମାରେ ଭୁବନେଶ୍ୱର ସୂଚନା ଭବନ (ଜୟଦେବ ଭବନ)ରେ କବି ଗଙ୍ଗାଧର ମେହେର ଜୟନ୍ତୀ ଦିନ ବହିଟି ଲୋକାର୍ପିତ




ଅଭୟ କୁମାର ଶତପଥୀ




ହୋଇଥିଲା। ମଞ୍ଚରେ ଥିଲେ ତତ୍‌କାଳୀନ ଶିଳ୍ପ ମନ୍ତ୍ରୀ ପ୍ରସନ୍ନ କୁମାର ଆଚାର୍ଯ୍ୟ, ସଂସ୍କୃତି ମନ୍ତ୍ରୀ ଶରତ କୁମାର କର, ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ ମୁସ୍ତାଫିଜ୍ ଅହମ୍ମଦ, ଡ. ଅସିତ୍ କବି, ଡ. ବାସୁଦେବ ସାହୁ, ଡ. ଅମୂଲ୍ୟ କୃଷ୍ଣ ମିଶ୍ର ଓ ପ୍ରଶାସକ ବିଘ୍ନରାଜ ପଟେଲ।

ଜୀବନର ପ୍ରଥମ ବହିଟି ହାତରେ ଧରି ମୁଁ କେତେ ଯେ ଖୁସି ହୋଇଥଲି, ତାହା ଅନୁଭବୀ ହିଁ ଅନୁଭବ କରିପାରିବ। ୧୯୯୦ କାର୍ତ୍ତିକ ପୂର୍ଣ୍ଣିମାରେ 'କଳିକା ଗୁଚ୍ଛ', ୧୯୯୨ରେ 'କାକରବିନ୍ଦୁ' ଓ 'ସୁନା ସକାଳ' ଆଦି ବହି ପ୍ରକାଶିତ ହୋଇ ସାରିଛି। ଇଂଲିଶ୍‌ରେ ସାତଖଣ୍ଡ ଆଇନ ବହି ପ୍ରକାଶିତ ହୋଇଛି ଓ ଦୁଇଟି ପାଣ୍ଡୁଲିପି ପ୍ରକାଶ ଅପେକ୍ଷାରେ।




# ବାଜପେୟୀଙ୍କ କବିତାରେ ସମାଜର ବାର୍ତ୍ତା...

ମହାଶୟ,

*'ସାହିତ୍ୟାୟନ' (୨୨ ଅଗଷ୍ଟ-୪ ସେପ୍ଟେମ୍ବର)ରେ ବାଜପେୟୀଙ୍କ ଜୀବନୀ ଏବଂ ତାଙ୍କ କବିତା ଖୁବ୍ ଭଲ ଲାଗିଲା। ବାଜପେୟୀଙ୍କ କବିତାରେ ସମାଜ ଓ ଦେଶ ଉପରେ ସୁପ୍ରଭାବ ପକାଇବାର ଭାବ ରହିଛି। ମୂର୍ଖଠାରୁ ବିଦ୍ୱାନ୍ ପର୍ଯ୍ୟନ୍ତ ବୁଝିପାରିଲା ଭଳି ଛୋଟ ଛୋଟ ଗଳ୍ପ ପ୍ରକାଶ କରନ୍ତୁ। ଗପ ସରଳ ହେବା ଦରକାର। ଗପରେ ପାଣ୍ଡିତ୍ୟର କସରତ ନିରର୍ଥକ।

**-ରଞ୍ଜନ ମିଶ୍ର,**
**ଶ୍ରୀରାମଚନ୍ଦ୍ରପୁର, ସତ୍ୟବାଦୀ, ପୁରୀ**

*ଜୁଲାଇ ୧୧-୨୪ ସଂଖ୍ୟା 'ସାହିତ୍ୟାୟନ' ପାଠକଲି। ସୁନ୍ଦର, ମନଲୋଭା ପ୍ରଚ୍ଛଦ ସମ୍ବଳିତ ଉକ୍ତ ପତ୍ରିକାର ପ୍ରତ୍ୟେକଟି ପୃଷ୍ଠା ଅତୀବ ସୁନ୍ଦର, ସାବଲୀଳ ତଥା ବଳିଷ୍ଠ ଲେଖନୀରେ ପରିପୁଷ୍ଟ ଥିଲା। ଏଥର ଡ. ଦେବାଶିଷ ପାତ୍ରଙ୍କ କ୍ଷୁଦ୍ରଗଳ୍ପ 'ବର୍ଷାର ରାଗିଣୀ' ଜଣେ ବାପ, ଝିଅର ଅନାବିଳ ସ୍ନେହ, ମମତାକୁ ଖୁବ୍ ସୁନ୍ଦର ଭାବେ ଚିତ୍ରଣ କରୁଛି। ତା' ସହ ସୁଜାତା ଦାସଙ୍କ 'ଖରାଛୁଟି' ଗଳ୍ପଟି ବାପାମାଆଙ୍କ ପ୍ରକୃତ ବାତ୍ସଲ୍ୟମମତାକୁ ତାଚ୍ଛଲ୍ୟ କରି ନିଜ ଗର୍ବ, ଅହଂକାରରେ ଚଳୁଥିବା ଆଜିର ଯୁବପିଢିଙ୍କ ଭିତ୍ତିହୀନ ସ୍ଥିତିକୁ ଚିତ୍ରଣ କରୁଛି। ପ୍ରଥମ ବହିର ପହିଲି ସ୍ମୃତିକୁ ନେଇ କନିଷ୍କଙ୍କ ଅଭୁଲା ସ୍ମୃତି ଅନୁଭୂତି ସୁଖପାଠ୍ୟ ଥିଲା। ତା' ସହ ରାମକୃଷ୍ଣ ବାରିକଙ୍କ 'ହୃଦୟ'କୁ ନେଇ ଲଘୁଗଳ୍ପ ଖୁବ୍ ହୃଦୟଗ୍ରାହୀ ହୋଇପାରିଛି।

**-ବିନୋଦ ବିହାରୀ ବେହେରା,**
**ନୂଆସାହି, ଗୋଶାଳା ରୋଡ, ନୂଆବଜାର, କଟକ**

*'ସାହିତ୍ୟାୟନ'ର ସମ୍ପାଦନା ଅତୀବ ଉଚ୍ଚକୋଟୀର । ବିଶେଷତଃ କବିତା ବିଭାଗଟି ଉତ୍କର୍ଷ ଓ ମନନଶୀଳତାରେ ପରିପୂର୍ଣ୍ଣ।

***-ଅସୀମା ସାହୁ, ଅଧ୍ୟକ୍ଷା, ଏସ୍.ସି.ବି.***
***ଡିଗ୍ରୀ କଲେଜ, ରିଗଧା,***
***ବାରିପଦା, ମୟୂରଭଞ୍ଜ-୧***

* ଇଦ୍-ଉଲ୍-ଜୁହା (୨୨ ଅଗଷ୍ଟ)ରେ 'ସାହିତ୍ୟାୟନ'ର ପ୍ରଚ୍ଛଦ ଚିତ୍ର ମନଛୁଆଁ। ସତରେ ବିଗ୍ ଇଜ୍ ବିଉଟିଫୁଲ୍ (ହାତୀ) ଓ ସ୍ମଲ ଇଜ୍ ସିଗିନ୍‌ଫିକାଣ୍ଟ (ପକ୍ଷୀ) ପ୍ରଥମବହି କ୍ରମରେ ରାଧାଶ୍ୟାମ ବାବୁଙ୍କ ''କେହି ଜଣେ ଆସିବ'' ଅନେକ ପ୍ରତିଶ୍ରୁତିରେ ଭରା। କଲମର ଯାଦୁକର ଅଟଳ ବିହାରୀଙ୍କ କବିତାରେ ଶବ୍ଦର ଯାଦୁକରୀ ସ୍ପର୍ଶ ଅମଳିନ। କିଶୋର ଆକାଶ୍‌ଙ୍କ 'କଳଗାଉଣା'ର ପରିସମାପ୍ତି ସନ୍ଦେହ ଓ ଆଶଙ୍କାରେ ଭରା। 'ମସ୍କୋର ମାୟା' ସତରେ ପାଠକଙ୍କୁ ବାୟା କରିଦେଲା ଭଳି ଲେଖାଟିଏ। କବିତା ଅନେକ ସମ୍ଭାବନାର ସ୍ୱରରେ ପ୍ରତିଧ୍ୱନିତ। ବନଜା ବିଶ୍ୱାଳଙ୍କ ଲେଖିବାର ପ୍ରେରଣା ବଡ଼ ଶିକ୍ଷଣୀୟ। ଏଥର ପୁସ୍ତକ ପରିଚୟରେ କବିତାର କଥା, ଚେତନାର ଉର୍ଦ୍ଧ୍ୱାରୋହଣ, ଅନୁଚ୍ଚାରିତ, ସଙ୍କଟ ଓ ସଙ୍କଳ୍ପ। ଅକ୍ଷରବୋଧର ସମୀକ୍ଷା ବଡ଼ ଉଚ୍ଚକୋଟୀର।

***- ସୁସ୍ମିତା ପୁରୋହିତ,***
***ସଦେଇପାଲି ନୂଆ କଲୋନୀ, ବୁର୍ଲା, ସମ୍ବଲପୁର***

* 'ସାହିତ୍ୟାୟନ' (ଅଗଷ୍ଟ ୮-୨୧) ପଢ଼ି ମୁଗ୍ଧ ହେଲି। ଏହା ଖବରକାଗଜ ସହ ବିନାଦେୟରେ ମିଳୁଥିବାବେଳେ ଏହାର ମୂଲ୍ୟ ଅମୂଲ୍ୟ ଅଟେ। ଅନେକଙ୍କ କଥା ଓ ବ୍ୟଥାରେ ଭରପୂର ଏ ସଂଖ୍ୟାଟି ଅତି ଚମତ୍କାର। ସାମ୍ପ୍ରତିକ ସାମାଜିକ ଅବକ୍ଷୟର ଚିତ୍ର ଏଥିରେ ସୁନ୍ଦର ଓ ନିଖୁଣ ଭାବେ ଚିତ୍ରିତ ହୋଇଛି। ଶଶିଭୂଷଣ ରଥଙ୍କ 'ଗଳ୍ପ: କିଛି ନିଜର କିଛି ଭାଷାନ୍ତର' ନ ପଢ଼ି କିଏ ଖସିପାରିବ ନାହିଁ। ରାଧାମୋହନ ମହାପାତ୍ରଙ୍କ 'ଚୋରି ଯାଇଥିବା ଚିଜ'ରେ ଚରିତ୍ର ସର୍ବସ୍ୱା ନାରୀ ମନକଥା ଓ କାଳିନ୍ଦୀ ଚରଣ ଭଞ୍ଜଙ୍କ ଗଳ୍ପ 'ସ୍ୱର୍ଗବାସ' ଅଯୋଗ୍ୟ ପିତାଙ୍କ ପାଇଁ ଏକ ସତର୍କଘଣ୍ଟି। ବିନୟ କୁମାର ଦାସଙ୍କ ଅନୂଦିତ ଗଳ୍ପ 'ପୁରସ୍କାର' ଅତି ଶିକ୍ଷଣୀୟ। ମାଧବ ଚନ୍ଦ୍ର ସ୍ୱାଇଁଙ୍କ ମିନିଗଳ୍ପ 'ବୃଦ୍ଧାଶ୍ରମ' ସାମ୍ପ୍ରତିକ ନିଚ୍ଛକ ସତ୍ୟ ଘଟଣା ହୋଇଥିବାରୁ ବିନ୍ଦୁରେ ସିନ୍ଧୁ ଦର୍ଶନ ଭଳି ଲାଗିଲା। ଦୀପ୍ତିରଞ୍ଜନ ପଟ୍ଟନାୟକଙ୍କ 'ପରୀକ୍ଷା' ଉଚ୍ଚକୋଟୀର ହୋଇଛି। ଗାୟତ୍ରୀ ସରାଫଙ୍କ 'ଅବଲୋକନ' ଗଳ୍ପ ଲେଖକଙ୍କ ପାଇଁ ବତିଘର ସଦୃଶ। କବିତା, ପହିଲି ପୁଲକ ମନଛୁଆଁ। 'ସାହିତ୍ୟାୟନ' ଆଠ ପୃଷ୍ଠାର ପାଠ, ମାତ୍ର ବାଟଘାଟଠାରୁ ଚାଟ ଯାଏ ସବୁଠି ଆକଟର ବାଟ ଫିଟାଇଦେଇଛି।

**- ନିର୍ଭୟ କୁମାର ପାଣି, ବିଜିଗୋଳ,**
**କଣିହାଁ, ଅନୁଗୋଳ**

ସାହିତ୍ୟାୟନ

**ଲେଖା ପଠାଇବାର ଠିକଣା**

ସମ୍ପାଦକ ଧରିତ୍ରୀ, ବି-୧୫, ରସୁଲଗଡ଼ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
email: dharitrisahityayana@gmail.com

ସାହିତ୍ୟାୟନ ପ୍ରତି ୧୫ ଦିନରେ ଥରେ ପ୍ରକାଶ ପାଏ । ମୌଳିକ ଗଳ୍ପ, କବିତା, ଅନୁବାଦ ଗଳ୍ପ, ବ୍ୟଙ୍ଗ ଓ ଲଳିତ ନିବନ୍ଧକୁ ପ୍ରାଧାନ୍ୟ ଦିଆଯାଏ। ପ୍ରଥମ ପ୍ରକାଶିତ ପୁସ୍ତକ/ଲେଖାକୁ ନେଇ ବିଶେଷ ଅନୁଭୂତି, ଭାରତୀୟ ଓ ବିଶ୍ୱ ସାହିତ୍ୟ ଉପରେ ଆଧାରିତ ଲେଖା ସ୍ଥାନିତ ହୁଏ। ଆଗ୍ରହୀ ଲେଖିକା/ଲେଖକ ନିମ୍ନ ଠିକଣାରେ ଲେଖା ପଠାଇପାରିବେ। ଜେରକ୍ସ କପି ଗ୍ରହଣୀୟ ନୁହେଁ। ପୂରା ଠିକଣା ଓ ମୋବାଇଲ ନମ୍ବର ଦେବାକୁ ଅନୁରୋଧ।

Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar-10 ସମ୍ପାଦକ: ତଥାଗତ ସତପଥୀ

# ବିନ୍ତାଙ୍ଗ୍ ଗଳି ଓ ମସାଜ୍

ଗଳ୍ପ

ଜିତେନ୍ଦ୍ର କୁମାର ନାୟକ



ସ୍ମିତହାସ୍ୟ ଦେଇ ମୋତେ ବେଡ୍ ଆଡ଼କୁ ହାତ ଦେଖାଇଲା ଯୁବତୀ ଜଣକ। ଅବଶ୍ୟ ତା'ର ସେ ହସରେ ବ୍ୟବସାୟିକ ଚାତୁରୀ ଭରି ରହିଥିବା ବୁଝାପଡୁଥିଲା। ବିଦେଶରେ ପ୍ରଥମ ଥର ପାଇଁ ଜଣେ ଅପରିଚିତା ଯୁବତୀ ଏଭଳି ଆମନ୍ତ୍ରଣ କରିବ ଯଦିଓ ଭାବିପାରୁ ନ ଥିଲି, ତଥାପି ମୋ ସମ୍ମତିରେ ସେ ଆସିଥିବାରୁ ତା'କଥା ମାନିଲି।

ବୟସ ବାଇଶରୁ ଚବିଶ ଭିତରେ ହବ। ଉଚ୍ଚତା ପ୍ରାୟ ୫ ଫୁଟ ୪ ଇଞ୍ଚ। ଟାଇଟ୍ ଜିନ୍ସ ଏବଂ ଟି ଶାର୍ଟ ତା' ସୁଠାମ ଦେହକୁ କାମୁଡ଼ି ଧରିଥିଲା। ଉନ୍ନତ ବକ୍ଷ ଯେ କେହି ପୁରୁଷକୁ ତତ୍କ୍ଷଣାତ୍ ଆମନ୍ତ୍ରଣ କଲା ଭଳି। ଚାହାଣି ଏକଦମ୍ ଆପଣାର। ହୁଏତ ତହିଁରେ ଗ୍ରାହକଙ୍କୁ ପ୍ରଲୋଭିତ କରିବା ଭଳି କୃତ୍ରିମତା ଥାଇପାରେ, କିନ୍ତୁ ମୁଁ ତାହା ଠଉରାଇ ପାରୁ ନ ଥିଲି। ସେହି ପଞ୍ଚତାରକା ହୋଟେଲ ରୁମ୍‌ର ଗୋଟେ କୋଣରେ ଟିଭି ଚାଲୁଥାଏ। କୋଠରି ଭିତରେ ପର୍ଫ୍ୟୁମ୍‌ର ବାସ୍ନା ସହ ଯୁବତୀଟି ଦେହରୁ ଚହଟି ଆସୁଥିବା ସେଣ୍ଟ୍‌ର ସୁଗନ୍ଧ ମିଶିଯାଇ ଯେଉଁ ଭିନ୍ନ ଏକ ସୁବାସର ବଳୟ ସୃଷ୍ଟି କରୁଥିଲା, ଯେକୌଣସି ପୁରୁଷକୁ ତାହା ରୋମାଞ୍ଚିତ କରିବ ହିଁ କରିବ। ଅପରାହ୍ଣ ୩ଟା ପାଖାପାଖି ହୋଇଥିବାରୁ କାଚବନ୍ଦ ଝରକାକୁ ଭେଦି ସୂର୍ଯ୍ୟଙ୍କ ଅଳସ କିରଣ ବେଡ୍ ଉପରେ ପଡ଼ିବାର ଦୃଶ୍ୟ ମଧ୍ୟ ଥିଲା ଅତ୍ୟନ୍ତ ଉପଭୋଗ୍ୟ। ଅଜଣା ଏକ ରାଇଜକୁ ନିରେଖି ଦେଖି କ'ଣ ଗୋଟେ ଭାବିଲା ବେଳକୁ ସେ ଇଙ୍ଗିତ କଲା ପ୍ୟାଣ୍ଟ, ଶାର୍ଟ ଖୋଲିବାକୁ। ସେତକ କଲି। ତା'ପରେ ଛୋଟିଆ ହାଫ୍ ପ୍ୟାଣ୍ଟ୍‌ରେ ଲଜ୍ଜାକୁ ଜାବୁଡ଼ି ଧରି ବେଡ୍‌ରେ ପେଟେଇ ହୋଇ ପଡ଼ିରହିଲି।

ଭ୍ୟାନିଟ୍‌କୁ ଗଦି ଉପରେ ଥୋଇଦେଇ ସେ ସେଥିରୁ ବାହାର କଲା ତେଲ ଶିଶିଟିଏ। ଯଦିଓ ଭଲ ଭାବେ ଦେଖିପାରିଲି ନାହିଁ, ତଥାପି ଥରକ ଚାହାଣିରେ ଜନ୍‌ସନ୍ ବେବି ତେଲ ଭଳି ଦିଶୁଥିଲା ତାହା। ଏବେ ସେ କ'ଣ କରିବ ମନେମନେ ଭାବୁଥିଲି। ଚୁକ୍ତି ଅନୁଯାୟୀ ଘଣ୍ଟାଏ ସେବା ଦେବ ଓ ପ୍ରତିବଦଳରେ ମୁଁ ତାକୁ ଦେବି ଦେଢ଼ ଶହ ରିଙ୍ଗିଟ୍, ମାଲେସୀୟ ମୁଦ୍ରା ।

ତରୁଣୀ ମୋ ଦେହକୁ ସ୍ପର୍ଶ କରିବାର କିଛି କ୍ଷଣ ବାକି ଅଛି। ଭାବନା ରାଜ୍ୟରେ ଘୂରି ବୁଲୁଥାଏ। ବୋଉ ପରେ ସ୍ତ୍ରୀ ମୋ ଦେହରେ ତେଲ ଲଗାଇ ଦେଇଛି। ବିଦେଶରେ ଜଣେ ଯୁବତୀ ଅର୍ଥ ନେଇ ତେଲ ଲଗାଇ ଦେବା ସହ ଘଷିମୋଡ଼ି ଓ ସ୍ଥଳ ବିଶେଷରେ ଦୁଇଁଦେବା ଭଳି ଶାରୀରିକ ଶ୍ରମ ମୋ ଉପରେ ଅଜାଡ଼ି ଦେବ ! ବିବେକ ଦଂଶନର ପ୍ରଥମ ପର୍ଯ୍ୟାୟରେ ଦେହରେ ଓ ମନରେ ପାପ ଛୁଇଁବା ଆରମ୍ଭ କଲା। ସ୍ତ୍ରୀ ରାଣ ପକାଇଥିଲା, ବିଦେଶ ଯାଉଛ, ପୁଣି ମାଲେସିଆ, ସଂଯତ ଅବସ୍ଥାରେ ରହିବ। ଶିକ୍ଷିତା ସ୍ତ୍ରୀ ଭଲ ଭାବେ ଜାଣିଛି ମାଲେସିଆ, ଥାଇଲାଣ୍ଡ ଭଳି ରାଷ୍ଟ୍ରର ଅର୍ଥନୀତି ବିଶେଷକରି ପର୍ଯ୍ୟଟନ ଶିଳ୍ପ ମସାଜ୍ ଓ ଯୌନ କାର୍ଯ୍ୟ ଲାଗି ଲୋକପ୍ରିୟ। ଅଖଣ୍ଡ ବିଶ୍ୱାସର ଏକ ବଳୟ ମୋ ମନ ଭିତରକୁ ଛାଡ଼ି ଦେଇଥିବାରୁ ସ୍ତ୍ରୀ ଆଶ୍ୱସ୍ତ ଥିଲା।

ହଁ ମ, ସ୍ତ୍ରୀ ତ ଓଡ଼ିଶାରେ ଅଛି। ବହୁତ ଦୂର। ହେଲେ ମନଟା ସ୍ତ୍ରୀ ପକାଇଥିବା ରାଣ ଆଡ଼କୁ ଚାଲିଯାଉଛି କାହିଁକି? ବୋଧେ ସାତଜନମକୁ ଅଗ୍ନିକୁ ସାକ୍ଷୀ ରଖି ବାହାଘର ହୋଇଥିବାରୁ ନିଆଁର ଧାପ ମନରେ ଚାଉଁ ଚାଉଁ ଲାଗିଯାଉଥିଲା। ଏବଂ ଯୌନ ରୋଗର ଭୟ କାମନାରେ ଉଚ୍ଚାଟ ମନକୁ ଦୂରକୁ ଠେଲି ଦେଉଥାଏ। ଏତିକିବେଳେ ବେଡ୍ ଉପରେ ସେ କ'ଣ ଗୋଟେ ଥୋଇଲା ଭଳି ଲାଗିଲା। ପେଟେଇ ଶୋଇଥିବାରୁ ଧରିନେଲି ଯୌନ ରୋଗ ପ୍ରତିରୋଧକ ବେଲୁନ୍ ହୋଇଥିବ। ଏସବୁ କାମ କରିବାକୁ ଆସିଥିବା ପେସାଧାରୀ ଯୁବତୀ ନିଜେ ମଧ୍ୟ ସେହି ରୋଗ ପ୍ରତି ସତର୍କ ଅଛି ; ମନେମନେ ତାକୁ ଧନ୍ୟବାଦ ଦେଲି। ପେଟ ପାଇଁ ସିନା ଏଭଳି କାର୍ଯ୍ୟ କରୁଛି, ତଥାପି ସେ ନିରୋଗ ରହିବାକୁ ଚାହେଁ। କ'ଣ ଜିନିଷଟାଏ ଥୋଇଲା ଜାଣିବା ଲାଗି କଡ଼ ଲେଉଟାଇଲି। ଦେଖିଲା ବେଳକୁ ମସାଜ୍ ପାଇଁ ଉଦ୍ଦିଷ୍ଟ ସ୍ପଞ୍ଜ୍ ଭଳି ଏକ ଜିନିଷ।

ପାଦ ଅଙ୍ଗୁଳିରେ ତେଲମିଶା ହାତର ସ୍ପର୍ଶ ଅନୁଭବ ହେବା ପରେ ମୋ ଦେହଟା ଶିହରି ଉଠିଲା। ମନେମନେ ଭାବିବା ଆରମ୍ଭ ହୋଇଯାଇଥିଲା ସେ ପାଦରୁ ମୁଣ୍ଡଯାଏ ଗଲା ବେଳେ କେତେ କ'ଣ ଘଟି ଯାଇଥିବ। ଦେହର ବିଭିନ୍ନ ସ୍ଥାନକୁ ଛୁଇଁ ଚାଲିଲେ ପାପ ତ ହେବ। ସେ ପୁଣି ମୋ ସ୍ତ୍ରୀ ନୁହେଁ।

ବ୍ୟବସାୟର ଉଦ୍ଦେଶ୍ୟ ହେଲା ଲାଭ। ପ୍ରଫେସନାଲ୍ ଭାବେ ମସାଜ୍ କରିବା ତା'ର ଧର୍ମ ହୋଇଥିବାବେଳେ ଗରାଖ ଭାବେ ଆନନ୍ଦ ପାଇବା ସେବା ପର୍ଯ୍ୟାୟଭୁକ୍ତ ବୋଲି ଧରି ନେଇଥିଲି। ପାଦରୁ ଉଠି ସେ ଜଙ୍ଘଯାଏ ଆସିବା ପରେ ହାଇଜମ୍ପ୍ ମାରିଲା ଅଣ୍ଟା ସେପଟକୁ, ଶରୀର ବିଜ୍ଞାନର ଆକ୍ଷରିକ ଅନୁବାଦ କଲେ ଯାହା ହେବ ପିଠିର ଆଦ୍ୟଅଂଶ। ଗୋଟିଏ ନିବୁଜ କୋଠରିରେ ଅପରିଚିତ ପୁରୁଷ ଦେହକୁ ଘଷିମାଜି ତେଲ ଜରଜର କରିବା ଲାଗି ପଇସା ନେଉଥିବା ଯୁବତୀର ଲଜ୍ଜା ଓ ସରମ ଥାଏ ବୋଲି କେହି ଭାବିବେ ନାହିଁ। ସବୁ ପୁରୁଷଙ୍କ ପରି ମୋ ମନ ସେହି କଥା ଭାବୁଥିଲା।

ସମୁଦାୟ ସେବା ଘଣ୍ଟାଏର। କେତେ ସମୟ ବିତିଗଲାଣି ଜାଣିବାକୁ ଇଚ୍ଛା ନ ଥାଏ। ମାଲିସ୍ ଚାଲୁଥିଲେ ଦେହ ଆରାମ ଲାଗୁଥାଏ, ସେତେବେଳେ ସମୟକୁ କିଏ ପଚାରେ! ପିଲାବେଳେ ଦେହକୁ ଶକ୍ତ କରିଦେବା ଲାଗି ବୋଉ, ବଡ଼ବୋଉ, ବୁଢ଼ୀମା' ଓ ଗାଁର ଅନେକ ସମ୍ପର୍କୀୟା ତେଲ ମାଲିସ୍ କରୁଥିଲେ ବୋଲି ହେତୁ ହେବା ପରେ ଜାଣିଥିଲି। ସେତେବେଳେ ପ୍ରଥମେ କାନ୍ଦୁଥିଲି, କିନ୍ତୁ ପିଠିରେ ତେଲ ଲଗାଇ ଶରୀରଟାକୁ ଦୁଇଁ ଦେବାପରେ ଆରାମ ଲାଗୁଥିବାରୁ ତୁନି ହୋଇ ଶୋଇ ଯାଉଥିଲି ବୋଲି ବୋଉ କହୁଥିଲା। ମୋ ପୁଅକୁ ଏବେ ତା' ମାମା ମାଲିସ୍ କରିବା ବେଳେ ସେ ପ୍ରଥମେ କାନ୍ଦେ ଓ କିଛି କ୍ଷଣ ପରେ ଶୋଇବା ସ୍ଥିତିକୁ ଆସିଯାଏ। ମୋ ପିଲାଦିନ ଓ ପୁଅର ପିଲାଦିନ ଦେଖିଲେ ମନେହୁଏ ସବୁ ଛୁଆ ବୋଧହୁଏ ଏମିତି ଅନୁଭବ କରୁଥିବେ। ଘଷାମୋଡ଼ା କଥା ବୁଢ଼ୀବୁଢ଼ାଙ୍କ ପାଇଁ ଉଦ୍ଦିଷ୍ଟ ବୋଲି ପିଲାଟି ବେଳୁ ଆଉ ଏକ ଧାରଣା ଥିଲା। ପିଲାବେଳେ ଦେଖିଛି ସାଆନ୍ତ ଓ ବୁଢ଼ୀମା'କୁ ବୋଉ, ବଡ଼ବୋଉ, ଜଣକ ପରେ ଜଣେ ଘଷିଦିଅନ୍ତି। ଏହା ଦେଖୁଥିବାବେଳେ ବୋଉ କହେ– ଗୁରୁଜନଙ୍କ ସେବାକଲେ ସେମାନେ ଆଶୀର୍ବାଦ ଦିଅନ୍ତି। ଭବିଷ୍ୟତରେ ତୁମେ ସବୁ ବଡ଼ ମଣିଷ ହେବ।

ସାଆନ୍ତ ଓ ବୁଢ଼ୀମା' ବହୁବର୍ଷ ତଳୁ ଆରପାରିକୁ ଗଲେଣି। ଏବେ ଜୀବନ ଯୁଦ୍ଧରେ ଯେତେବେଳେ ବଡ଼ ସଫଳତା ମିଳୁଛି ବାପା ଓ ବୋଉ କହନ୍ତି ଏ ସବୁ ଗୁରୁଜନଙ୍କ ଆଶୀର୍ବାଦ। ବାସ୍ତବିକ୍ ଈଶ୍ୱରଙ୍କୁ କିଏ ଦେଖିଛି ! ସମ୍ଭବତଃ, ତାଙ୍କ ରୂପରେ ଏମାନେ ମର୍ତ୍ତ୍ୟକୁ ଆସିଛନ୍ତି ବୋଲି ଏବେ ଆମେ ସ୍ୱାମୀ–ସ୍ତ୍ରୀ ପିଲାମାନଙ୍କୁ ବୁଝାଉଛୁ। ଅସରନ୍ତି ଏହି ବୁଝାଇବା ପ୍ରକ୍ରିୟା। ପିଲାମାନେ ସେମାନଙ୍କ ପିଲାଙ୍କୁ ବି ବୁଝାଇ ଚାଲିଥିବେ। ଗୋଟେ ସଂସ୍କାର ପିଢ଼ି ପରେ ପିଢ଼ି ଗଡ଼ି ଚାଲିଥାଏ। ପ୍ରାପ୍ତବୟସ୍କ ହେବା ପରେ ମାଲେସିଆ ଭ୍ରମଣବେଳେ ମତେ ଯିଏ ମସାଜ୍ କରୁଛି, ତାକୁ ଆଶୀର୍ବାଦ ଦେବା କଥା ଭାବିଲେ ତା' ଦେଶର ମୁଦ୍ରା ଛଡ଼ା ତ ମୋ ପାଖରେ ଆଉ କିଛି ନାହିଁ ।

କୁଆଲାଲାମ୍ପୁର ନଗରୀର ଏକ ପ୍ରସିଦ୍ଧ ଅଞ୍ଚଳ ବିନ୍ତାଙ୍ଗ୍। ଖାଦ୍ୟଠାରୁ ଯୌନାକାଂକ୍ଷା ପରିତୃପ୍ତିର ବିପଣୀ ଯତ୍ରତତ୍ର ମେଲେଇ ହୋଇପଡ଼ିଛି। ମାଇଲମାଇଲ ବ୍ୟାପୀ ଲମ୍ବିଥିବା ଏହି ବଜାର ଓ ଗଳି ସଞ୍ଜ ପଶିଲେ ଅଧିକ ଚଳଚଞ୍ଚଳ। ରାସ୍ତାପାଖରେ ନୃତ୍ୟଗୀତର ଆସର, ମସାଜ୍ ସେଣ୍ଟର, ବ୍ରୋଥେଲ୍ ଓ ନାଇଟ୍ କ୍ଲବ୍‌ଗୁଡ଼ିକ ଆଲୋକମାଳାରେ ଏଭଳି ସଜ୍ଜିତ ହୋଇରହିଛି ଯେ, ସେଗୁଡ଼ିକ ମର୍ତ୍ତ୍ୟରେ ଇନ୍ଦ୍ରପୁରୀର ଭ୍ରମ ସୃଷ୍ଟି କରିବ। କିଏ ଦେଖିଛି ଇନ୍ଦ୍ରପୁରୀ! ତେବେ ସ୍ୱର୍ଗରେ ଉପଭୋଗର ପ୍ରମୋଦଉଦ୍ୟାନ ବୋଲି ଇନ୍ଦ୍ରପୁରୀକୁ କୁହାଯାଇ ଆସୁଛି। ରମ୍ଭା, ମେନକା, ଉର୍ବଶୀମାନଙ୍କ କଥା ଶୁଣିବାକୁ ମିଳିଥାଏ। ସେମିତି ବିନ୍ତାଙ୍ଗ୍ ଗଳିର ନାଇଟ୍ କ୍ଲବ୍ ହେଉ ବା ମସାଜ୍ ସେଣ୍ଟର୍‌ରେ ରୂପବତୀଙ୍କ ଅଭାବ ନାହିଁ। ଏତେ ସୁନ୍ଦର ରୂପ ରଖିଥିବା ଯୁବତୀ କାହିଁକି... ଭାବିଲା ବେଳକୁ କିଏ କହିଦେଇଥାଏ, ତୁମେ ପର୍ଯ୍ୟଟକ ହୋଇ ଆସିଛ କିଛି ଅଭିଜ୍ଞତା ନେଇକରି ଯାଅ। ମୋ ସହଯାତ୍ରୀ ମଧ୍ୟ ସେହିଭଳି କଥା କହି ମୋତେ ଟିହାଇ ଦେବାରୁ ଖାଲି ମାଲିସ୍‌ରେ ସନ୍ତୁଷ୍ଟ ହେବାକୁ ଚେଷ୍ଟା କରିଛି, କିନ୍ତୁ ଅନ୍ୟକଥାରେ ସାଲିସ୍ କରିବି ନାହିଁ ବୋଲି ସ୍ତ୍ରୀକୁ ଦେଇଥିବା ପ୍ରତିଶ୍ରୁତି ବାରମ୍ବାର ମନେ ପଡ଼ିଯାଉଥାଏ।

ହଁ, ଯେଉଁ ଯୁବତୀ ମୋତେ ମସାଜ୍ କରୁଥିଲା ତା' ବୃତ୍ତିର ଆଙ୍ଗିକ ଓ ଆତ୍ମିକ ଶୈଳୀ ଥିଲା ସମ୍ପୂର୍ଣ୍ଣ ନିଆରା। ଘଣ୍ଟାଏ ସେବା ଦେବାବେଳେ ସେ ଆଦୌ ଯୌନ ନିବେଦନ କଲା ଭଳି ଅଙ୍ଗଭଙ୍ଗୀ ପ୍ରଦର୍ଶନ କରି ନ ଥିଲା। ଭାବିଥିଲି ଏଭଳି କାର୍ଯ୍ୟରେ ନିୟୋଜିତ ସେବିକା ମାଲିସ୍ ସାରିବା ପରେ ଅଧିକ ପାଉଣା ପାଇଁ ଶେଷ ପ୍ରତୀକ୍ଷାର ଅବସାନ ଘଟାଇବ। ତା' ପରେ ମନେ ପଡ଼ିଯାଉଥାଏ ଆଧ୍ୟାତ୍ମିକ ଗୁରୁ ଓସୋଙ୍କ 'ସେକ୍ସ ଟୁ ସ୍ପିରିଚ୍ୟୁଆଲିଟି'। ''ଜୀବନରେ ବାସ୍ତବତା କ'ଣ ? ତାହାର ଉତ୍ତର ଯୌନ ସମ୍ଭୋଗ। କାରଣ ତୁମ ଭିତରେ ଜୀବନ୍ତ ଚଳତ୍‌କ୍ଷମ ଉପାଦାନ ହେଉଛି ଯୌନ ଆକର୍ଷଣ। ମନ ଜୀବନଶୂନ୍ୟ ଭଳି। ସେଥିପାଇଁ ମନ ସର୍ବଦା ଯୌନ ଆକର୍ଷଣର ବିପରୀତ ଭଳି କାର୍ଯ୍ୟକରେ। ଯୌନ କାମନା ଶରୀରକୁ ପୂର୍ତ୍ତି ଆଡ଼କୁ ନେଉଥିବାବେଳେ ବିବେକ ସହିତ ଘଟେ ସଂଘର୍ଷ।''

ବୋଧହୁଏ ଓସୋଙ୍କ ସାହିତ୍ୟର ପ୍ରତିଫଳନ ସେତେବେଳେ ମୋ ମନ ଭିତରକୁ ଆସିଯାଉଥାଏ ଓ ବାସ୍ତବ ଜୀବନର ଘଡ଼ିସନ୍ଧି ମୁହୂର୍ତ୍ତରେ ମନକୁ ବିଜୟ ସଙ୍କେତ ମିଳିବାରେ ଲାଗିଥାଏ। ପୁଣି ଓସୋ ପଳାଇ ଆସନ୍ତି ମନର ଭିନ୍ନ ଏକ ସ୍ତରକୁ। 'ଯୌନ କାମନା ବାଣ୍ଟ କରେ। ପ୍ରେମ ଯୋଡ଼େ।' ଏସବୁ ଗୂଢ଼ ରହସ୍ୟ ଖୋଜିଖୋଜି ଗଲାବେଳକୁ ମସାଜ୍‌ର ଅବଧି ସରିଯାଏ। ତା' କଅଁଳ ହାତର ସ୍ପର୍ଶରୁ ମୋ ଶରୀର ବଞ୍ଚିତ ହେବାର ଅନୁଭବ କଲା ପରେ ଭାବିଲି ସେ ମତେ ପରବର୍ତ୍ତୀ ପର୍ଯ୍ୟାୟକୁ ଉନ୍ନୀତ କରାଇଦେବ। କିମ୍ବା ତା'ର ଇସାରା ଦେବ। ଭାବନା ଭୁଲ ହେଲା। ସେ ସିଧାସଳଖ ୱାଶ୍ ରୁମ୍‌କୁ ଗଲା ଓ ହାତ ଧୋଇ ଆସି ପୁଣି ସ୍ମିତହାସ୍ୟ ଦେଲା। ବିଦାୟକାଳୀନ ସ୍ମିତହାସ୍ୟର ଲକ୍ଷଣ ପାଉଣା ଥିଲା ବୋଲି ବୁଝିନେଇଥିଲି। ତଥାପି ତା' ସତୀତ୍ୱ ଉପରେ ବିଶ୍ୱାସ ହେଉ ନ ଥିଲା।

କହିଲା, ଟାଇମ୍ ଇଜ୍ ଓଭର। ଦେର ଇଜ୍ ଆନାଦର ଆପଏଣ୍ଟମେଣ୍ଟ।

ଖୁବ୍ ସୁନ୍ଦର ଇଂଲିଶ୍ କହୁଥାଏ। ମୁଁ ପଚାରିଲି–ହାଓ ମଚ୍।

ସେ କହିଲା–ୱାନ୍ ଫିଫ୍ଟି ରିଙ୍ଗିଟ୍।

ମସାଜ୍ ପାଇଁ ଶହେ ପଚାଶ ରିଙ୍ଗିଟ୍, ମାନେ ଭାରତୀୟ ମୁଦ୍ରାରେ ଛବିଶ ଶହ ଟଙ୍କାରୁ ଊର୍ଦ୍ଧ୍ୱ। ଏତେ ଟଙ୍କା ଦେବି କେବଳ ଘଷାମୋଡ଼ା ପାଇଁ। ମୋ ସ୍ତ୍ରୀ ଅନେକ ଥର ମତେ ତେଲ ଲଗାଇ ମାଲିସ୍ କଲାଣି, ତା' ପାଉଣା ତ କାହିଁ କେତେ ହେବଣି! ସେ ହିସାବ କଲେ ମୋ ମାସକର ଦରମା ନିଅଣ୍ଟ ହେବ ହୁଏତ! ଅବଶ୍ୟ, ଏ ପ୍ରଶିକ୍ଷିତା ଯୁବତୀ। ଆକ୍ୟୁପ୍ରେସର ଦେବାଭଳି ତାଲିମ ନେଇଥିବାରୁ ଶରୀରକୁ ଅଧିକ ଆରାମ ଦେଇପାରିଛି। ପାରିଶ୍ରମିକ ବାବଦକୁ ମୂଲଚାଲ କଲି। ଶହେ ରିଙ୍ଗିଟ୍ ନେ। କହିଲା– 'ନୋ'।

ଉପଭୋଗର ଏକ ମହାନଗରୀରେ ଶରୀରକୁ ବିଭିନ୍ନ ଉପାୟରେ ସୁଖ ଦେଉଥିବା ଲଳନାମାନେ ପାପାଚାରୀ ହୋଇଥିବେ ଭାବି ମନ ବିରୋଧରେ ଯାଇ ପ୍ରସ୍ତାବ ଦେଲି ଦୁଇଶହ ରିଙ୍ଗିଟ୍ ଦେବି।

ସେ ମତେ ଅନାଇ ପ୍ରଶ୍ନ କରିବା ପୂର୍ବରୁ ସୀତାଙ୍କୁ ସତୀତ୍ୱ ପରୀକ୍ଷା ଦେବା ଭଳି ଇଙ୍ଗିତ କରି ମୁଁ ତାକୁ ବେଡ୍ ଆଡ଼କୁ ହାତ ଦେଖାଇଲି। ମନେମନେ ଭାବିଲି, ଏଥର ଯିବୁ କୁଆଡ଼େ–ପାପ ଓ ପୁଣ୍ୟର ଫଇସଲା ନିଶ୍ଚୟ ହେବ। ଏଥର କିନ୍ତୁ ତା' ଓଠରୁ ଝରିଲାନି ସ୍ମିତହାସ୍ୟ ; ପୃଥିବୀ ବିଦାରିଦେଲା ଭଳି ଉଚ୍ଚାରଣ କଲା–'ନୋ'। ଆଇ ଆମ୍ ସରି। ଟ୍ରାଏ ଏଲ୍ସୱେର।

ଏଇ–୫୮, ଭିଏସ୍‌ଏସ୍ ନଗର, ଭୁବନେଶ୍ୱର–୭

ସ୍ମରଣୀୟ

# ଆଉ ଥରେ ଘିନୁଆ

ମହାଶ୍ୱେତା ସାହୁଙ୍କ ଜନ୍ମ ୧୯୮୧ରେ, ଯାଜପୁର ଜିଲାରେ। ପ୍ରକାଶିତ ଗଳ୍ପ ପୁସ୍ତକ: 'ବିଷାଦ ବୃତ୍ତର ରାଜପୁତ୍ର' ଓ 'ପ୍ରେମିକା'। ଗଳ୍ପ ରଚନାରେ ସ୍ୱତନ୍ତ୍ରତା ପାଇଁ ତାଙ୍କୁ ମିଳିଛି 'ଭୁବନେଶ୍ୱର ପୁସ୍ତକ ମେଳା' ପ୍ରଦତ୍ତ 'ରବି ପଟ୍ଟନାୟକ ସ୍ମୃତି ପୁରସ୍କାର' ଓ 'ଧରିତ୍ରୀ ଶ୍ରେଷ୍ଠଗଳ୍ପ ସମ୍ମାନ'। ଛୋଟଛୋଟ ଘଟଣା ଓ ଜୀବନର ଅଦେଖା ଦୃଶ୍ୟପଟ ମହାଶ୍ୱେତାଙ୍କ ଗଳ୍ପରେ ଏକ ଭିନ୍ନ ସ୍ୱାଦ ନେଇ ପାଠିକାପାଠକଙ୍କ ଦୃଷ୍ଟି ପଥାରୂଢ଼ ହୋଇଥାଏ। ଏଥରର ସ୍ମରଣୀୟରେ ତାଙ୍କର ଏକ ବହୁ ପଠିତ ଗଳ୍ପ 'ଆଉ ଥରେ ଘିନୁଆ'...



ମହାଶ୍ୱେତା ସାହୁ

ଘିନୁଆ ଥାନାରେ ପହଞ୍ଚିଲା ବେଳକୁ ଆକାଶ ଫରଚା ହୋଇ ଆସୁଥିଲା। ସେ ଧଇଁସଇଁ ହୋଇଯାଇଥିଲା। ଠିଆ ହେଲା ବିଲହିଡ଼ରୁ ପିଚୁ ରାସ୍ତା ଉପରେ- ନେଲା ଗୋଟାଏ ଦୀର୍ଘଶ୍ୱାସ।

କାଇଁ କେତେଦୂର ସେ ଧାଇଁଧାଇଁ ଆସିଛି ଏକା ନିଃଶ୍ୱାସରେ। ପାଦ ତା'ର କଟ୍‌କଟ୍ କରୁଥିଲା ଅସହ୍ୟ ବେଦନାରେ। ଘିନୁଆ ଭଲ କରି ଅନାଇଲା ଥାନା ଦଶହାତ ଦୂରରେ। ଯେଉଁଠି ଏ ପର୍ଯ୍ୟନ୍ତ ଶହେ ପାୱାର ଲାଇଟ୍ ଜଳୁଥିଲା, ଦିନ ପରି ସବୁ ଦିଶିଯାଉଥିଲା ଘିନୁଆକୁ।

ଥାନାବାବୁ ଏଯାଏ ଶୋଇଛନ୍ତି ଲମ୍ବା ବେଞ୍ଚ ଉପରେ। କିଏ ଜଣେ ଟେବୁଲ ଉପରେ ମୁଣ୍ଡ ରଖି ଘୁଙ୍ଗୁଡ଼ି ମାରୁଛନ୍ତି ଏଡ଼େ ଜୋରରେ ଯେ, ଏଯାଏ ଶୁଭୁଛି। ଘିନୁଆ ତା'ର କାନ୍ଧ ଗାମୁଛାରେ ମୁହଁ ପୋଛିଲା। ଝାଳରେ ଓଦା ହୋଇଯାଇଛି ସେ ଏତେଗୁଡ଼େ ବାଟ ଧାଇଁଧାଇଁ ଆଇଚି ପରା।

ବରଗଛ ମୂଳେ ମାଟିଆ ବେଗ୍‌ଟାକୁ ଥୋଇଦେଲା ଯତ୍ନର ସହ। ସତେ କି ଅମୂଲ୍ୟ ଚିଜଟାଏ ଅଛି ତା' ଭିତରେ। ବରଗଛର ଦୁଇ ଚେର ବେଷ୍ଟନୀ ଭିତରେ ଶୋଇ ପଡ଼ିଲା ଆଉଜେଇ ହୋଇ। ତା' ପାଦ ଦି'ଟା ଦି'କଡ଼କୁ ଓହଳି ପଡ଼ିଥିଲା। ପାଦରେ ମେଞ୍ଚାମେଞ୍ଚା କାଦୁଅ, ପବନ ମାଡ଼ରେ ତା' ଆଖିପତା ମୁଦି ହୋଇଗଲା।

ଘିନୁଆ ଆଖିରେ କେତେ ନିଦ। ନିଦ ଭାଙ୍ଗିଲା ବେଳକୁ ଖରା, ଇସ୍ କି ଆଲୁଅ... ଘିନୁଆ ଅନେଇଲା ଆଖି ଉପରେ ହାତ ଦେଇ- ଏତେ ଭିଡ଼ କିଆଁ? କହି ଧଡ଼ପଡ଼ ହୋଇ ଉଠି ବସିଲା। ପାଦର କାଦୁଅ ଶୁଖିଯାଇ ଅପରଛନିଆ ଦିଶୁଥିଲା।

ଘିନୁଆ ଚାରିପଟେ ଲୋକ ଭର୍ତ୍ତି। ଏତେ ଭିଡ଼ ଦେଖି ଘିନୁଆ କିଛି ବୁଝିପାରିଲା ନାହିଁ। ଏତେଗୁଡ଼େ ଲୋକମେଳରେ ଘିନୁଆ ଘାବରେଇଗଲା। ନିଜ ମୁହଁକୁ ବାରମ୍ବାର ପୋଛିଲା। ଝାଳରେ ଓଦା ହୋଇପଡ଼ିଲା। ତା' ଉପରେ ପଡୁଥିବା କ୍ୟାମେରା ଲାଇଟ୍ ଆଡ଼େ ଅନାଇଲା। ନିରିଖେଇ କହିଲା- କ'ଣ ଏଇଟା? ମୁଁ ତ କେବେ ଦେଖିନି ଆଗରୁ?

କ୍ୟାମେରାମ୍ୟାନ୍‌ଟି ଦି'ପାଦ ପଛକୁ ପଳାଇଗଲା। କିଏ ଜଣେ ଭିଡ଼ ଭିତରୁ ପଚାରୁଥିଲା-ହେ ମଉସା, ତମେ କ'ଣ କରିଚ? କାହାକୁ ମାରି ପାପ କରିଚ?

ଘିନୁଆ ପୁରୁଖା ମଣିଷଟେ ପରି ଫିଁ ଫିଁ କରି ହସିଉଠିଲା। ସେ ହସ ତାଙ୍କ ଯାତ୍ରା ପଡ଼ିଆରେ କଂସର ହସ ପରି ଥିଲା। ହସ ନୁହେଁ ତ ଅଟ୍ଟହାସ୍ୟ! କିଛି ଲୋକ ଶଙ୍କିଗଲେ ଘିନୁଆର ହସ ଦେଖି।

ଘିନୁଆ ଦାନ୍ତ ନିକୁଟି ପଚାରିଲା କଳରେ ଦୋକତା ଜାକିଦେଇ। - ଆଜ୍ଞା ପାପ କ'ଣ?

କିଏ ଗହଳିରୁ କହିଲା ଚିଡ଼ିଉଠି। ଦେଖୁନ ନବଜ! ପାଗଳାଟା କିରେ! ଦେହଯାକ ଶଳା ରକ୍ତ ବାଲୁବାଲୁ। ବେଗ୍‌ରୁ ରକ୍ତ ଝରୁଛି। କହୁଚି କ'ଣ ନା ପାପ କ'ଣ? ଜମା କିଛି ଜାଣିନି।

ସକାଳୁ ସକାଳୁ ଅଧୁଆ ମୁହଁରେ ମୁଣ୍ଡ ଉଠାଇ ଅନାଇଲେ ଥାନା ବାହାରକୁ। ବାହାରେ ପ୍ରବଳ ଭିଡ଼। ଯନ୍ତ୍ରଚାଳିତ ପରି ଆଗେଇ ଆସୁଆସୁ



ଥାନାବାବୁ ବିରକ୍ତ ହୋଇ ବଡ଼ପାଟିରେ କହିଲେ- ଆରେ ଏଠି କି ପାଲା ଚାଲିଛି? ଏଠି ଏତେ ଭିଡ଼ କାହିଁକି?

ଘିନୁଆ ଥାନାବାବୁଙ୍କୁ ଦେଖିଦେଇ ସାହସ ପାଇଲା ପରାଏ ତାଙ୍କ ପାଦ ତଳକୁ ମୁଣ୍ଡ ନୁଆଁଇ ଦେଇ ଅତି କାକୁତି କଲା ପରି କହିଉଠିଲା- ଆଜ୍ଞା ମୁଁ ଘିନୁଆ। ଶରଣକୂଳ ମୋ' ଘର ଆଜ୍ଞା ଶିବ ମନ୍ଦିର ପାଖରେ... ହଁ! କହି ମୁଣ୍ଡ ଟୁଙ୍ଗାରି ଦେଲା ଦି'ଥର।

ଥାନାବାବୁ ଆହୁରି ବିରକ୍ତ ହୋଇଗଲେ- 'ତ କ'ଣ ହେଲା? ତୁ କ'ଣ ମନ୍ତ୍ରୀ ନା ଏମେଲେ! ଶଳା ରାଜନେତା କି ଚିତ୍ରନେତା ଫିଲିମଷ୍ଟାର ପରି ତୋ' ପାଖରେ ଏତେ ଭିଡ଼ କିଆଁ? କହି ଆଗେଇଗଲେ ଦି'ପାଦ।

କେହି ଜଣେ କହିଲା ସାମ୍ବାଦିକଙ୍କ ମେଳରୁ- କିଏ ଜଣେ ଏଇଠୁ ଖବର ଦେଲେ- ଥାନା ଆଗରେ ଲାସ୍ ପଡ଼ିଛି...। ଇଏ ମର୍ଡର କରିକି ଆଇଚି ନିଶ୍ଚୟ। - କରିଚୁ ନା ମର୍ଡର? ପଚାରିଲେ କଡ଼ା କଣ୍ଠରେ ଥାନାବାବୁ।

ଘିନୁଆର ଆଖି ଉଜ୍ଜ୍ୱଳ ହୋଇଗଲା। ହଁ ଆଜ୍ଞା! ମୁଁ ମର୍ଡର କରିଚି! ସେଇ ପାଇଁ ତ ସାହେବ ପାଖକୁ ପୁରସ୍କାର ପାଇଁ ଆସିଚି, ବାବୁ ମୋତେ ସମ୍ମାନ କରିବେ।

ଥାନାବାବୁଙ୍କ ପାଟି ଆଁ ହୋଇଗଲା ଘିନୁଆ କଥା ଶୁଣି। ଗଲା ରାତିର ସବୁ ନିଶା ଉତୁରିଗଲା। ଥାନାବାବୁ ରାଗିଲେ ଶତ୍ରୁଘନ ଉପରେ- ଶଳା କି ମଦ ଆଣିଥିଲା କେଜାଣି ପଦେ କଥାରେ ନିଶା ଉତୁରିଗଲା। ସେ ବିରକ୍ତ ହୋଇ ପଚାରିଲେ ଘିନୁଆକୁ- ଆରେ ସତ କହ। ସକାଳୁ ସକାଳୁ ଦେଶୀ ତାଡ଼ି ପେଟେ ପିଇ ଦେଇଚୁ ବୋଧେ? କାହିଁକି ବାଜେ କଥା ଗପି ମୋ' ମୁଣ୍ଡ ଖରାପ କରୁଚୁ?

ନାଲି ପଡ଼ିଯାଇଥିବା ଆଖିକୁ ଘିନୁଆ ମଳିଲା ଦୁଇ ପାପୁଲିରେ। ବିଶ୍ୱାସ ଦେବା ପାଇଁ ବୁଝାଇବା ଢଙ୍ଗରେ ଅଧା ବସିଲା ପରି ଉଠିବସିଲା- ଆଜ୍ଞା ମୁଁ ସତ୍ ସତ୍ କହୁଛି, ପୁଅ ରାଣେ- ମୁଁ ମିଛ କହେନା ଆଜ୍ଞା, ମୁଁ ପୁରସ୍କାର ପାଇଲା ପରି କାମ କରିଚି। ଦେଖିବ ଦେଖିବ ସମସ୍ତେ?

ଘିନୁଆ ତା'ର ଶିରାଳ ହାତ ପୂରାଇଦେଲା ତା'ର ସେ ବ୍ୟାଗ୍‌ଟି ଭିତରେ। ଯାହା ବାହାର କରି ଆଣିଲା ସମସ୍ତଙ୍କୁ କେଇକ୍ଷଣଯାଏ ଦୋହଲାଇ ଦେଲାପରି ଚିଜଟିଏ।

''ଗୋଟେ ମଣିଷର କଟାମୁଣ୍ଡ!''

ଥାନାବାବୁ ସମେତ ଜଣେ ନୂଆ ସାମ୍ବାଦିକ ସେଇଠି ବେହୋସ ହୋଇଗଲେ କଟାମୁଣ୍ଡ ଦେଖି। ଘିନୁଆ ହାତମୁଠାରେ ଥିଲା କଟାମୁଣ୍ଡର ବାଳ ପୁଳାଏ, ସେ ଟେକି ଧରିଥିଲା ଉପରକୁ। କେଇଜଣ ସମ୍ବାଦ ସଂଗ୍ରହକାରୀ ଫଟାଫଟ୍ ଫଟୋ ଉଠାଇନେଲେ।

ଥାନାବାବୁ ସମେତ ସାମ୍ବାଦିକ ଜଣଙ୍କୁ ସାଷ୍ଟମ କରାଗଲା। ଥାନା ଭିତରକୁ ଅଣାଗଲା ଘିନୁଆକୁ। ଜବତ କରାଗଲା ତା'ର ସେ ଅପୂର୍ବ ଜିନିଷ କଟାମୁଣ୍ଡକୁ। ଘିନୁଆ କିନ୍ତୁ ନିର୍ବିକାର ଥିଲା। ତା' ମନରେ ମୋଟେ ଭୟ ନ ଥିଲା, ବରଂ ଗୋଟେ ଆତ୍ମଗର୍ବରେ ଫୁଲି ଉଠୁଥିଲା ତା' ଛାତି। ସେ ବାରମ୍ବାର ମାଗୁଥିଲା ''ବକ୍ସିସ ଦିଅ ସାହେବ- ମୁଁ ଚାଲିଯିବି ମୋ' ଗାଁକୁ! ବିଲ ରୁଆ ହୋଇନି। ହବ କେମିତି, ମୁଁ ଗଲା ଆଠ ଦିନ ହେଲା ଏଇ ମୁଣ୍ଡ ପଛରେ ତ ପଡ଼ି ରହିଲି...।''

ଘିନୁଆ ଯାହା ବର୍ଣ୍ଣନା କରିଥିଲା- ଆଚମ୍ଭିତ ହୋଇଯାଇଥିଲେ ସଭିଏଁ।

ନଟ ମଲିକର ସାନ ଝିଅ ବନିତା। ନିଇତି ବିଲକୁ ଗଲାବେଳେ ତାଙ୍କ ଦୁଆରୁ ବାହାରି ଆସେ, ଅଜାଅଜା କହି ଗଳାରେ ଓହଳିପଡ଼େ। ତା' ଯୁଆଳିକୁ ଟିକେ ଆଗକୁ ଠେଲିଠେଲି ନିଏ ଦି'ପାଦ। ପରେ ପଳାଏ ଘରକୁ ଘିନୁଆକୁ ଗେଲ କରିଦେଇ। ଚାରି ବରଷର ଆଜ୍ଞା। ଆଖି ଆଗରେ ନାଚିଯାଉଛି ତା' କଅଁଳ ନିଷ୍ପାପ ମୁହଁ। ତାକୁ ଗଲା ଶୁକ୍ରବାରେ ଆଖୁବଣରେ ପାଇଥିଲା ଶବ ଭାବରେ।

ତାକୁ ସରପଞ୍ଚର ହିଷ୍ଟ୍ରିଆ ପୁଅ ସୁକୁଟା ବାରିକ ଚକୋଲେଟ୍ ଦେବ କହି ପାଟ ଭିତରେ ବଳାତ୍କାର କରିଚି ଆଜ୍ଞା। ଛୁଆଟା- ଚାରି ବର୍ଷର, ମରିଗଲା ଆଜ୍ଞା! ଜୀବନ ଚାଲିଗଲା! ତା' ଜୀବନ ନେଇଗଲା ଆଜ୍ଞା! ବିକଳ ହୋଇ କାନ୍ଦି ଉଠିଲା ଘିନୁଆ।

''ଛାତି ଫାଟିଗଲା ଆଜ୍ଞା ତା' ମଲା ମୁହଁକୁ ଦେଖି, ମୁଁ ବଜ୍ର ଶପଥ କରିଥିଲି ତା'ର କଟାମୁଣ୍ଡ ନ ଧରିଲାଯାଏ ଦାନା ମୁଠାଏ ନେବିନି ପେଟକୁ!''

ବନିତାର ମା' ପାଗଳୀ ହୋଇଯାଇଛି ଆଜ୍ଞା! ଗାଁ ଗାଁ ବୁଲି ଖୋଜୁଛି ତା' ଝିଅକୁ। ଗାଁ ଲୋକେ ପିଟିଛନ୍ତି ସୁକୁଟା ବାପକୁ- ସୁକୁଟା ଗାଁରୁ ଫେରାର ଥିଲା। ମୁଁ କିବା ଛାଡ଼ିବା ଲୋକ ଆଜ୍ଞା! ଖୋଜି ବୁଲିଲି ଆଠଦିନ ଧରି। ଶାନ୍ତିରେ ମୁଠାଏ ଖାଇନି। ହାଟରେ ସୁକୁଟାକୁ ଦେଖିଲି। ମଦ ପିଇ ମାତାଲ- ଧାଇଁଲି ପଛେ ପଛେ... ଦାଆରେ କାଟିଦେଲି ବେକ। ଅଲଗା କରିଦେଲି ମୁଣ୍ଡରୁ ଗଣ୍ଡି। ହସିହସି କହୁଥାଏ ଘିନୁଆ।

ଗହଳିରୁ କିଏ ଜଣେ ସାମ୍ବାଦିକ ପଚାରିଲା- ତମକୁ ଡର ମାଡ଼ିଲା ନାହିଁ ଏ ପାପ କରିବା ପୂର୍ବରୁ!

ଘିନୁଆ ଆଉ ଥରେ ଅଟ୍ଟହାସ୍ୟ କରିଥିଲା ପୂର୍ବପରି। ଥରି ଉଠିଲା ଯେମିତି ପବନ କେଇକ୍ଷଣ! ''ପାପ? ନା ନା ମୁଁ ପୁରସ୍କାର ପାଇବା ଭଳି କାମ କରିଛି। ପାପ ତ ସୁକୁଟା କରିଥିଲା। ପାପର ଦଣ୍ଡ ତାକୁ ଦେଲି। ଗରିବ ଦୁଧଖିଆ ଚାରି ବରଷର ଛୁଆକୁ ବୀଭତ୍ସ ଭାବେ ସେ ମାରିଲା ବେଳକୁ କଉଠି ଥିଲ ହେ ତମେ? କଳିକାଳ... କଳିକାଳ...!''

ଥାନାବାବୁ ଆଡ଼କୁ ଉଠିଗଲା ଘିନୁଆ। ହାତ ବଢ଼ାଇ ମାଗିଲା- ''ଆଜ୍ଞା ସାହେବ, ମୋ' ବକ୍ସିସ୍‌ଟା ଦିଅ। ମୁଁ ଗଲେ ଧାନରୁଆ ହେବ।''

ସମସ୍ତେ ସ୍ତବ୍ଧ। ଥାନାବାବୁ ମୁହଁ ପୋତିଦେଲେ ତଳକୁ। ଘିନୁଆ କିନ୍ତୁ ନଛୋଡ଼ବନ୍ଧା-ମାଗି ଚାଲିଥିଲା ଗୋଟିଏ ରଟରେ ତା' ପୁଣ୍ୟକାମର ପ୍ରାପ୍ୟ- ତା'ର ବକ୍ସିସ୍, ତା'ର ପୁରସ୍କାର!

- ପ୍ଲଟ୍ ନଂ.- ୮୨୧, ମଳୟବିହାର, ଜିଜିପି କଲୋନୀ,
ରସୁଲଗଡ଼, ଭୁବନେଶ୍ୱର



# ମାଷ୍ଟ୍ରେଙ୍କ ଝିଅ



ଲଘୁଗଳ୍ପ

ବିନୋଦିନୀ ମିଶ୍ର

ଆଜି ସାବିତ୍ରୀ ଅମାବାସ୍ୟା। ବଡ଼ିଭୋରୁ ଉଠି ତା' କାମ କରିଚାଲିଛି ଜିତା। ରୋଷେଇ, ଜଳଖିଆ ସବୁ ଶୀଘ୍ର ହେବ। ସାନ ନଣନ୍ଦ, ଦିଅର ଭାତ ଖାଇ ଟିଫିନ୍ ନେଇ ସ୍କୁଲ୍ ଯିବେ। ଘର କାମ କରିବାକୁ ଆସୁଥିବା କମଳି ଆଜି ଆସିବନି। ତା' ଗେରସ୍ତ ଏଥର ନୂଆ ଲୁଗା ଆଣିଦେଇଛି। ଓଷା କରିବ। ମଦୁଆଟାର କେମିତି ଏଥର ମନ ବଦଳିଲା କେଜାଣି? କମଳି ଭାରି ଖୁସି। ଦି' ଦିନ ତଳେ ଗିରସ୍ତଠାରୁ ଖାଇଥିବା ମାଡ଼ର ପରାଶ ତା' ଦେହରେ ନ ଥିଲା।

ଶାଶୁ, ଶ୍ୱଶୁର ଉଠନ୍ତି ଡେରିରେ। ଚା ଦି' କପ୍ ଧରି ଶ୍ୱଶୁର ବସିଥିବା ବାଲ୍‌କୋନିକୁ ଗଲା ଜିତା। କାମ ଭିତରେ ବୁଡ଼ି ରହୁଥିଲେ ବି ଆଖିକୁ ଆପେଆପେ ଲୁହ ଆସି ଯାଉଥିଲା। ଝିଅ ବେଳର ସେଇ ମଧୁର ବାସ୍ନା, ନନା, ବୋଉଙ୍କର ସ୍ନେହ ଆଉ ତା'ର ରାଗରୁଷାକୁ ସହିଯାଉଥିବା ଭଉଣୀମାନେ ମନେ ପଡୁଥିଲେ। କେତେ ମିଠା ଭରି ରହି ନ ଥିଲା ସେଇ ଦିନମାନଙ୍କରେ! ବି.ଏ. ଶେଷ ବେଳକୁ ତା'ର ବାହାଘର, ସେ ପଢୁଥିବା କଲେଜର ଅଧ୍ୟାପକ ମଳୟ ବାବୁଙ୍କ ସହ। କଲେଜରେ ଜିତାକୁ ଦେଖି ମଳୟବାବୁ ବାହାହେବା ପାଇଁ ଘରେ କହିଥିଲେ। ଶାଶୁ, ଶ୍ୱଶୁର ତାଙ୍କ ଘରକୁ ଯାଇ ବାହାଘର ଠିକ୍ କରିଥିଲେ। ସେଦିନ ଟିଭି ଦେଖିଲାବେଳେ ନନା, ବୋଉକୁ କହୁଥିଲେ ଜିତାଟା ଆମର ଗେହ୍ଲୀ ଝିଅଟା। ନିଜ ଭଳି ମଧ୍ୟବିତ୍ତ ପରିବାରରେ ବାହା ନ ଦେଇ ବଡ଼ଲୋକ ଘରେ ଠିକ୍ କଲେ, ଜିତା ଖୁସି ଅଛିଟି? ଜିତା ତ ନାହିଁ କଲାନି, ଜୋଇଁଟି ଭଲ ପିଲା ହୋଇଥିବେ ନିଶ୍ଚୟ। ସେ କଲେଜରେ ଜାଣିଥିବ କହି ବୋଉ ଚୁପ୍ ରହିଲା। ମନେମନେ ଭାବୁଥିଲା ଜିତା, ମଧ୍ୟବିତ୍ତ ପରିବାରରେ ଜନ୍ମ ନେଇଥିବା ଝିଅଙ୍କର ଇଚ୍ଛା, ଅନିଚ୍ଛା ବୋଲି କିଛି ନ ଥାଏ। ଭାଇ, ଭଉଣୀଙ୍କ ମେଳରେ ବଢ଼ିଥିବା ଝିଅଟି ଚାହେଁ କେମିତି ବାପାଙ୍କ ମୁଣ୍ଡରୁ ବୋଝ ହାଲୁକା ହୋଇଯାଉ। ସ୍ୱଳ୍ପ ଦରମାରେ ଝିଅମାନଙ୍କୁ ପାଠପଢ଼ାଇ ବାହା କରିବା କେତେ ଯେ କଷ୍ଟ! ତା' ତଳ ଭଉଣୀ ଜିନାର ତ ବାହା ହେବା ବୟସ ହେଇଗଲାଣି। ଏସବୁ ମନକୁ ଆନ୍ଦୋଳିତ କରୁଥିବା ବେଳେ ତା' ନନା, ବୋଉ ଖୁବ୍ ନିଶ୍ଚିନ୍ତ ଥିବାପରି ଲାଗନ୍ତି। ଭିତରେ ଭିତରେ ଚିନ୍ତାରେ ବୁଡ଼ି ରହିଲେ ବି ପିଲାମାନଙ୍କ ପାଖରେ ଭାରି ସହଜ। ଯେମିତି ସମସ୍ତେ ସମସ୍ତଙ୍କର ସାଙ୍ଗ। କାହା ମନରେ କିଛି ଭାବନା ନାହିଁ। କେତେ ସାବଲୀଳ ଥିଲା ସତରେ ସେ ଦିନଗୁଡ଼ାକ!

କାଲିଠାରୁ ପଡ଼ିଶାଘର ମଧୁଦାଦାଙ୍କ ପୁଅ ମାନସ ହାତରେ ଘରୁ ଆସିଥିବା ସାବିତ୍ରୀ ପୂଜାର ଜିନିଷ ଡ୍ରଇଂରୁମ୍‌ର ଗୋଟିଏ କୋଣରେ ପଡ଼ିରହିଛି। ଜିନିଷସବୁ ରଖିଦେଇ ମାନସ ସଙ୍ଗେସଙ୍ଗେ ଚାଲିଗଲା। କାମ ଅଛି ବୋଲି କହି ଚା ଟିକିଏ ବି ପିଇଲାନି। ସେ ବ୍ୟାଗ୍‌ଟା ଫିଟାଉ ଫିଟାଉ ଶାଶୁଙ୍କର ନିତିଦିନିଆ ଗାଳିଗୁଡ଼ାକ ଆରମ୍ଭ ହୋଇଗଲା। ଶ୍ୱଶୁର କହୁଥା'ନ୍ତି ତମେ କାହିଁକି ଅଧିକ ଆଶା କରୁଛ? ମାଷ୍ଟ୍ରେଙ୍କ ଝିଅ ପରା! କ'ଣ ଥିବ ଯେ ଖୋଜୁଛ? ସେ ଜିନିଷ ସେଇଠି ଥାଉ, ଯାହା ପାଇଁ ଆସିଛି ସେ ନେଉ। ଏ ପର୍ଯ୍ୟନ୍ତ ବ୍ୟାଗ୍ ପାଖକୁ ଯିବାପାଇଁ ସାହସ କରିନାହିଁ ଜିତା। ଯେତେ ଦୂରରୁ ଦେଖିଲେ ବି ଅତି ନିଜର ଲାଗୁଛି ସେ ବ୍ୟାଗ୍ ଦୁଇଟି। ତା' ବୋଉ ହାତ ସଜଡ଼ାର ବାସ୍ନା ଉକୁଟି ଉଠୁଛି। ତା' ନନାଙ୍କ ପାଖରେ ଥିବା ଅଧିକାର ଆଉ ଅଝଟପଣ ଟିକକ ସେଇଠି ଅଛି। ବାରିନଡ଼ିଆ, ଆମ୍ବର ସୁଆଦରେ ଭରପୂର ସେ ବ୍ୟାଗ୍‌ଟିରେ ଅଛି ତା' ଜୀବନର ବାଇଶଟି ବସନ୍ତର ମଧୁଝରା ସ୍ମୃତିସବୁ। ଜିତାର ଆଖିରେ ଲୁହର ସୁନାମି ଆଉ ନ ଥିଲା। ସେ ସବୁ ଶୁଖିଶୁଖି ମରୁଭୂମିର ତତଲା ବାଲି ପାଲଟି ଯାଇଥିଲା। କଲିଂବେଲ୍ ବାଜିଲା। ଶାଶୁ କବାଟ ଖୋଲିଲେ। ଘର ଭିତରକୁ ପଶି ଆସିଲେ ତାନି, ଥମ୍‌ଥମ୍ ହୋଇ ଯାଇ ତାଙ୍କ ପଢ଼ାରୁମ୍‌ରେ। ତାଙ୍କ ପଛେପଛେ ଶାଶୁ। ତାନିଙ୍କ କାନ୍ଦ ଶୁଭିଲା। ଶ୍ୱଶୁର ଦୌଡ଼ି ଆସିଲେ। ତାଙ୍କ ଆକାଉଣ୍ଟକୁ ପଠାଇଥିବା ସାବିତ୍ରୀ ଟଙ୍କା ମନକୁ ପାଇଲାନି ତାଙ୍କ ଶାଶୁଙ୍କର। ଶାଶୁ-ବୋହୂ ଭିତରେ ଯୁକ୍ତିତର୍କ। ସେ ଟଙ୍କା ଆଣି ତାନି ରୁମ୍‌ରେ ଫିଙ୍ଗିଦେଲେ ଶାଶୁ। ବୋଉଙ୍କ ଆଖିରେ ଲୁହ। ଆଉ କେତେ ଦେଇଥିଲେ ତାଙ୍କ ମନକୁ ପାଇଥା'ନ୍ତା! ରାଗରେ ଲାଲ୍ ଶ୍ୱଶୁର କହିଲେ, ରିଟାର୍ଡ୍ ଆଇଏଏସ୍ ଅଫିସରଙ୍କ ସ୍ତ୍ରୀ ତ! ବେଶୀ ସାହସ ହେଇଗଲାଣି। ତାନିକୁ ଛାତିରେ ଜାକିଧରିଲା ଜିତା। କ'ଣ ଏମିତି ପିଲାଙ୍କ ଭଳି ହେଉଛ। ଆଜି ଭଳି ଦିନରେ ଘର ଛାଡ଼ି ଆସୁଛ? ଆଜି ତ ଡ୍ରାଇଭର ଆସିବନି। ଏ ଖରାରେ କିଏ ଯାଇ ଶାଢ଼ି କିଣିବ? ଶାଶୁ ସେ ବ୍ୟାଗ୍ ଆଡ଼କୁ ଚାହିଁଲେ। ଡ୍ରଇଂରୁମ୍ କୋଣରେ ପଡ଼ିଥିବା ବ୍ୟାଗ୍ ଦୁଇଟି ଖୋଲିଲା ଜିତା। ବୋଉ ସବୁବେଳେ ଏମିତି, ସାବିତ୍ରୀ ଅମାବାସ୍ୟାରେ ତା' ସହ ଶାଶୁଙ୍କ ପାଇଁ ବି ଶାଢ଼ି ଆଉ କାଚ ମୁଠାଏ ପଠାଇଥାଏ। ବଡ଼ ଅପା ଦେଇଥିବା ସମ୍ବଲପୁରୀ ଶାଢ଼ିଟା ନିଜେ ନ ପିନ୍ଧି ଦେଇଦେଇଛି। ଶାଢ଼ି ନେଇ ତାନିକୁ ଦେଲା ଜିତା। ଆତ୍ମୀୟତାର ମହକରେ ମହକି ଉଠୁଥିବା ସେଇ ନଡ଼ିଆ, ଆମ୍ବ, ଖଜୁରିକୋଳିକୁ ଧରି ମନେମନେ ଖୁସି ହେଉଥିଲା ଜିତା। ବୋଉକୁ ମନେ ପକାଉଥିଲା। ସେଇ ଜଞ୍ଜାଳି ମାଆଟି କ'ଣ ଜାଣିଥିବ ଏ ପର୍ଯ୍ୟନ୍ତ ସେଇ ଜିନିଷସବୁ ଡ୍ରଇଂରୁମ୍‌ର କୋଣରେ ଥୁଆ ହୋଇଛି, ଯାହାକୁ ଫିଟାଇ ଦେଖିବାକୁ ତା' ଗେହ୍ଲୀ ଝିଅର ସାହସ ନାହିଁ। ପୂଜା ଜିନିଷସବୁ ଯୋଗାଡ଼କଲା। ମାଷ୍ଟ୍ରଙ୍କ ଝିଅ ହେଲେ କ'ଣ ହେଲା, ତା' ବୋଉ ସବୁ ବିଧିବିଧାନ ଜାଣନ୍ତି କହି ଶାଶୁ ପୂଜା ପାଖକୁ ଗଲେ।


- ଗୋପବନ୍ଧୁନଗର, ପ୍ରଥମ ଲାଇନ୍, ହିଲ୍‌ପାଟଣା, ବ୍ରହ୍ମପୁର

# ସାହିତ୍ୟରେ କ୍ଷତ ଥାଏ, ଥାଏ ଶୁଶ୍ରୂଷା ବି!

**ସାର୍ ବିଦ୍ୟାଧର ସୁରଜ ପ୍ରସାଦ ନଇପଲ୍‌ଙ୍କ ଜନ୍ମ ୧୭ ଅଗଷ୍ଟ ୧୯୩୨ରେ, ତ୍ରିନିଦାଦ୍‌ରେ। ଦୀର୍ଘ ପଚାଶବର୍ଷର ଲେଖକ-ଜୀବନରେ ତିରିଶରୁ ଊର୍ଦ୍ଧ୍ୱ ଗ୍ରନ୍ଥ ପ୍ରକାଶିତ ଏଇ ଲେଖକଙ୍କର, ଯହିଁରେ ପ୍ରମୁଖ ଉପନ୍ୟାସ ଓ ଚିନ୍ତାଶୀଳ ନିବନ୍ଧ। ବିରଳ ପ୍ରଜ୍ଞା ଓ ଶାଣିତ ସୃଜନର ଅଧିକାରୀ ଏହି ଲେଖକଙ୍କର ସାହିତ୍ୟ ସୃଷ୍ଟି ନାନା ବୈଚିତ୍ର୍ୟରେ ବିମଣ୍ଡିତ। ଇଂଲିଶ୍‌ରେ ବିଚକ୍ଷଣ ତାଙ୍କର ଭାଷା ବିନ୍ୟାସ। ବାପା ଥିଲେ 'ତ୍ରିନିଦାଦ୍ ଗାର୍ଡିଆନ୍'ର ବାର୍ତ୍ତାଜୀବୀ। ସାନଭାଇ ଶିବ ନଇପଲ୍ ଜଣାଶୁଣା ଲେଖକ। 'In a free sale' ଉପନ୍ୟାସ ପାଇଁ ୧୯୭୧ରେ 'ବୁକର୍ ପ୍ରାଇଜ୍', ୧୯୮୯ରେ ତ୍ରିନିଦାଦ୍‌ର ଶ୍ରେଷ୍ଠତମ ଜାତୀୟ ସମ୍ମାନ 'Trinity Cross', ୧୯୯୦ରେ ବ୍ରିଟେନ୍‌ର 'ନାଇଟ୍ ହୁଡ୍' ଉପାଧି ଓ ୨୦୦୧ରେ ନୋବେଲ ପୁରସ୍କାରରେ ଅଳଂକୃତ ହୋଇଥିଲେ ଏହି ଅପ୍ରତିମ ସାହିତ୍ୟ-ରଥୀ। ୨୦୧୮ ଅଗଷ୍ଟ ୧୧ ତାରିଖରେ ଜୀବନର ତମାମ ଯଶ ଓ ଅପଯଶକୁ ପିଠି କରି ଅସ୍ତ ଯାଇଥିଲେ ବିଶ୍ୱ-ସାହିତ୍ୟର ଏହି ପ୍ରଖର ସୂର୍ଯ୍ୟ।**

ଭି. ଏସ୍. ନଇପଲ୍ ଯଦିଓ ଭାରତରେ ଜନ୍ମ ହୋଇ ନ ଥିଲେ, ତାଙ୍କ ରକ୍ତରେ କିନ୍ତୁ ଭାରତୀୟ ସଂସ୍କୃତିର ଆତ୍ମା ଉଜାଗର ରହିଥିଲା, ଯେହେତୁ ତାଙ୍କ ପୂର୍ବପୁରୁଷ ଥିଲେ ଭାରତର ମୂଳ ଅଧିବାସୀ। ୧୯୬୧ରେ ପ୍ରକାଶିତ ଉପନ୍ୟାସ 'A house for Mr. Biswas'ରେ ନଇପଲ୍ ତାଙ୍କ ଅତୀତ ଜୀବନର ଏ ସ୍ମୃତି ସବୁ ଉଲ୍ଲେଖ କରିଛନ୍ତି। 'A Prologue to an Autobiography' (୧୯୮୩)ରେ ଲେଖିଛନ୍ତି- ସାହିତ୍ୟ ପ୍ରତି ତାଙ୍କ ବାପାଙ୍କର ଅଫୁରନ୍ତ ଆଗ୍ରହ ସାହିତ୍ୟ ସୃଷ୍ଟି ପାଇଁ ତାଙ୍କୁ ଅନୁପ୍ରେରିତ କରିଥିଲା। ତ୍ରିନିଦାଦ୍ ସରକାରଙ୍କଠାରୁ ବୃତ୍ତି ପାଇ ସେ ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟରେ ସ୍ନାତକ ପଢ଼ିବାର ସୁଯୋଗ ପାଇଥିଲେ ବି ଦ୍ୱିତୀୟ ଶ୍ରେଣୀରେ ତାଙ୍କୁ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ପରବର୍ତ୍ତୀ ଜୀବନରେ ତାଙ୍କ ସିଦ୍ଧିକୁ ଲକ୍ଷ୍ୟ କରି ତାଙ୍କ ଅକ୍ସଫୋର୍ଡ ଶିକ୍ଷକ ପିଟର୍ ବେଲୀ କହିଥିଲେ- ''ଦ୍ୱିତୀୟ ଶ୍ରେଣୀ ଡିଗ୍ରୀଟିଏ ଦେଇଥିବାରୁ ନଇପଲ୍ ହୁଏତ ଏବେ ବି ଅକ୍ସଫୋର୍ଡକୁ କ୍ଷମା କରି ନ ଥିବେ।''

୧୯୫୨ରେ ଅକ୍ସଫୋର୍ଡରେ ମଞ୍ଚସ୍ଥ ଏକ ନାଟକରେ ନଇପଲ୍ ପାଟ୍ରିସିଆ ଆନ୍ ହେଲ୍‌ଙ୍କୁ ଭେଟିଥିଲେ। ବାପାଙ୍କ ମୃତ୍ୟୁ (୧୯୫୩) ପରେ, ମା'ଙ୍କ ଅନିଚ୍ଛା ସତ୍ତ୍ୱେ ୧୯୫୫ରେ ପାଟ୍ରିସିଆଙ୍କ ସହ ତାଙ୍କର ବିବାହ ହୋଇଥିଲା। ବିଶ୍ୱର ନାନା ଦେଶର ସାଂସ୍କୃତିକ ବୈଭବ ନଇପଲ୍‌ଙ୍କ ନଖ ଦର୍ପଣରେ ଥିଲା, ଯେଉଁଥିପାଇଁ ନୋବେଲ ପ୍ରଶସ୍ତିଲେଖରେ ତାଙ୍କୁ ଆଖ୍ୟାୟିତ କରାଯାଇଥିଲା 'ସାରସ୍ୱତ ବିଶ୍ୱ-ପରିବ୍ରାଜକ' (Literary




Circumnavigater) ଭାବେ। ଇତିହାସ ଓ ସଂସ୍କୃତିର ସେ ଥିଲେ ସୁଦକ୍ଷ ପ୍ରବକ୍ତା। ସୁତୀକ୍ଷ୍ଣ ବିଶ୍ଳେଷଣରେ ଔପନିବେଶିକତାର ମୁଖ ଓ ମୁଖାକୁ ପାଠକଙ୍କ ସମ୍ମୁଖରେ ତୋଳି ଧରିବାରେ ତାଙ୍କର ଦକ୍ଷତା ଥିଲା ପ୍ରଶ୍ନାତୀତ।

କଲକାତା ସହରର ରାଜନୈତିକ ପଟୁଆର, ଖାରା ପାଣି, ଚା-କଫି-ସବୁକିଛି ତିକ୍ତ ଥିଲା ନଇପଲ୍‌ଙ୍କ ପକ୍ଷେ। ବିରକ୍ତିକର ଥିଲା 'the brown smoke of cars and buses, ... the dug-up, roads and broken footpaths, ... the dirt, ... the crowds.' ସେ ପଢ଼ୁଥିବା ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟ ବି ତାଙ୍କ ସମାଲୋଚନାରୁ ନିସ୍ତାର ପାଇ ନ ଥିଲା। ସେ କହିଥିଲେ- 'I hate oxford.' ତାଙ୍କର କହିବାକଥା ଥିଲା- ଅକ୍ସଫୋର୍ଡକୁ ସେ ଅଧ୍ୟୟନ ପାଇଁ ଯାଇଥିଲେ ସେହି ଅନୁଷ୍ଠାନର ଆକର୍ଷଣ ଯୋଗୁ ନୁହେଁ, କେବଳ କିଛି ଖାଲି ସମୟ ପାଇବା ଆଶାରେ। ବୁଦ୍ଧିବିଦ୍ୟାରେ ଅକ୍ସଫୋର୍ଡର ସତୀର୍ଥମାନଙ୍କଠାରୁ ସେ ଯେ ଢେର୍ ଆଗରେ ଥିଲେ, ଏହା ସେ ଜାଣିଥିଲେ।

ନଇପଲ୍‌ଙ୍କୁ କୌଣସି ପ୍ରସଙ୍ଗରେ ପ୍ରଭାବିତ କରିବା ଥିଲା ଖୁବ୍ କଠିନ। ମୁହୂର୍ତ୍ତକରେ ସେ ତାଙ୍କ ପ୍ରତିପକ୍ଷଙ୍କୁ ଯୁକ୍ତିରେ ତଳପଟ କରି ଦେଉଥିଲେ। ତାଙ୍କ ପସନ୍ଦର ସାହିତ୍ୟିକଙ୍କ ମଧ୍ୟରେ ଥିଲେ ପ୍ରୁସ୍ତ, ଫ୍ଲବେୟାର୍, ବାଲଜାକ, ସ୍ୟାମୁଏଲ୍ ପେପିସ୍ ପ୍ରମୁଖ ହାତଗଣତି କେଇଜଣ। ତାଙ୍କ ପାଇଁ ଜୟେସ୍ ଥିଲେ 'experimental', ଉଇଲିୟମ୍ ଗୋଲ୍ଡିଂ ଥିଲେ 'unbearable', ଜେନ୍ ଅଷ୍ଟେନ୍ ଥିଲେ 'sentimental'। ବିନା ଦ୍ୱିଧାରେ କେବଳ ନଇପଲ୍ ହିଁ ଥଟ୍ଟା କରିପାରନ୍ତି- ''ଦ ଥାର୍ଡ ୱାର୍ଲଡ୍ ଇଜ୍ ଫିଲ୍‌ଡ ଉଇଥ୍ ପ୍ରିମିଟିଭ୍ ପିପଲ୍ ଟେଲିଂ ଭାର୍ଚୁୟାସ୍ ଲାଇଜ୍।'' କିନ୍ତୁ ଏସବୁ ତାଙ୍କର ସ୍ଥାୟୀ ଅଭିମତ ନଥିଲା, ଥିଲା ପ୍ରତିକ୍ରିୟା ମାତ୍ର। ଆଣ୍ଡ୍ରୁ ରବିନ୍‌ସନ୍‌ଙ୍କୁ ଦେଇଥିବା ଏକ ସାକ୍ଷାତ୍‌କାରରେ ଥରେ ସେ କହିଥିଲେ- ''I have no views, no philosophy-just a bundle of reactions.''

ପ୍ରଥମ ପ୍ରକାଶିତ ଉପନ୍ୟାସ 'ଦ୍ୟ ମିଷ୍ଟିକ୍ ମ୍ୟାସିଓର୍'ର ଜି. ରାମ୍‌ସେ ମୁୟର୍‌ଙ୍କ ଉତ୍‌ଥାନର କାହାଣୀ ହେଉ ବା ମିଗେଲ ଷ୍ଟ୍ରିଟ୍‌ର ଲୋକଙ୍କ ଜୀବନଯାପନ ହେଉ, ନଇପଲ୍‌ଙ୍କୁ ଅଫୁରନ୍ତ ପ୍ରାଣଶକ୍ତି ଓ କଳ୍ପନାର ରୂପକାର ଭାବେ ଚିହ୍ନିତ କରିଥିଲା। ନୂତନ ବିଶ୍ୱର ଅସହାୟ, ଅନୁକରଣପ୍ରିୟ ମଣିଷଙ୍କ କାହାଣୀ ଭିତରେ ଉଜ୍ଜ୍ୱଳ ହୋଇ ଫୁଟିଉଠିଥିଲା ତାଙ୍କ ବ୍ୟକ୍ତିଗତ ଦୈନ୍ୟ। ପ୍ରସିଦ୍ଧ ଉପନ୍ୟାସ 'ଦ୍ୟ ମିମିକ୍ ମେନ୍' କଥା ଉଲ୍ଲେଖକରି ନୋବେଲ ଅଭିଭାଷଣରେ ସେ କହିଥିଲେ- ''This new fiction was about colonial shame and fantasy, a book, in fact, about how the powerless lie about themselves, and lie to themselves, since it is their only resource. x x It was about colonial men mimicking the condition of manhood, men who had grown to distrust everything about themselves.''

ଉପନିବେଶର ଇତିହାସ ବ୍ୟାଖ୍ୟାରୁ ଓହରି ଆସି ନଇପଲ୍ ଖୋଜିଛନ୍ତି ଆପଣାର ଚେର। ସନ୍ଧାନ ପାଲଟିଛି ଆତ୍ମାନୁସନ୍ଧାନ। 'ଦ୍ୟ ଲସ୍ ଅଫ୍ ଏଲ୍ ଡୋରାଡୋ: ଏ କଲୋନିୟାଲ୍ ହିଷ୍ଟ୍ରି'ରେ ସେ ଲେଖିଛନ୍ତି- ''My ancestors began to go from India to Trinidad about hundred years ago. I was born in 1932 in a small country town called chaguanas, a mile or two inland from the Gulf of Paria, in the house my grandfather had built in 1920. Chaguanas was mainly an Indian settlement. Hindu and Muslim festivals were celebrated, Hindi (or its Bhojpuri variant) was the first language I heard.''

ନଇପଲ୍ ତାଙ୍କର ଦୀର୍ଘ ସାହିତ୍ୟିକ ଜୀବନରେ ଯେଉଁସବୁ ବିସ୍ମୟକର ଉପନ୍ୟାସ, ନିବନ୍ଧ ଓ ଭ୍ରମଣ-ଗଦ୍ୟ ରଚନା କରିଯାଇଛନ୍ତି, ତହିଁରେ ସମୟ, ସମାଜ, ଇତିହାସ, କଳ୍ପନା ଓ ତଥ୍ୟର ଯେପରି ସମନ୍ୱୟ ଘଟିଛି, ସମକାଳର କ୍ୱଚିତ୍ ଲେଖକ ତାଙ୍କ ସହ ତୁଳନୀୟ ହେବେ। ଅଧିକାଂଶ ଲେଖାରେ ଧରାଦେଇଛି ନଇପଲ୍‌ଙ୍କ ଆତ୍ମଜୀବନୀ ଓ ପାରିବାରିକ ଐତିହ୍ୟ। ତାଙ୍କ ରଚିତ 'ଗେରିଲାଜ୍', 'ଦ୍ୟ ରିଟର୍ନ ଅଫ୍ ଏଭା ପେରନ୍ ଆ୍ୟାଣ୍ଡ୍ ଦ କିଲିଙ୍ଗ୍‌ସ ଇନ୍ ତ୍ରିନିଦାଦ୍', 'ଦ୍ୟ ଲସ୍ ଅଫ୍ ଏଲ୍ ଡୋରାଡୋ', 'ଏ ଓୟେ ଇନ୍ ଦ ୱାର୍ଲଡ', 'ଇଣ୍ଡିଆନ୍ ଟ୍ରିଲଜି'- 'ଆ୍ୟାନ୍ ଏରିୟା ଅଫ୍ ଡାର୍କନେସ୍', 'ଇଣ୍ଡିଆ: ଏ ଉଣ୍ଡେଡ୍ ସିଭିଲାଇଜେଶନ୍' ଓ 'ଇଣ୍ଡିଆ: ଏ ମିଲିୟନ୍ ମିଉଟିନିଜ୍ ନାଓ' ଆଦି ରଚନା ତାଙ୍କ ପ୍ରତିଭାର ଉଚ୍ଚକୋଟୀର ନିଦର୍ଶନ ହୋଇ ବିଶ୍ୱ ସାହିତ୍ୟକୁ ସମୁଜ୍ଜ୍ୱଳ କରିଛି। ତାଙ୍କ ଭ୍ରମଣ ଅନୁଭୂତିର ସାକ୍ଷୀ ହୋଇ ରହିଛି 'ଆ୍ୟାମଂ ଦ ବିଲିଭର୍ସ' ଓ 'ବିୟଣ୍ଡ ବିଲିଫ୍' ଭଳି ଜୀବନ୍ତ ରଚନା। 'ଏ ବେଣ୍ଡ୍ ଇନ୍ ଦ ରିଭାର୍' ଓ 'ଦ ଏନିଗ୍‌ମା ଅଫ୍ ଆରାଇଭାଲ' ଭଳି ଉପନ୍ୟାସରେ ଲେଖକଙ୍କ ଜୀବନଦର୍ଶନ ପ୍ରାଞ୍ଜଳ ଭାବେ ସାକାର ହୋଇଛି।

ନଇପଲ୍‌ଙ୍କ ସାହିତ୍ୟରେ ଭାଷାର ଯେଉଁ ଦକ୍ଷ ବ୍ୟବହାର ଦେଖିବାକୁ ମିଳେ, ତାହା ଅନ୍ୟତ୍ର କ୍ୱଚିତ୍ ସୁଲଭ। ତାଙ୍କର ଭାଷା ଥିଲା ସୂକ୍ଷ୍ମ ଓ ଉଡ୍ଡୀୟମାନ। ଏହି ଗୁଣଟି ସେ ତାଙ୍କ ବାପାଙ୍କଠାରୁ ପାଇଥିଲେ। ଲେଖାର ଶୈଳୀକୁ ନେଇ ସେ ସାତଟି ଉପଦେଶ ଦେଇଥିଲେ। ଯଥା: ୧. ଦୀର୍ଘ ବାକ୍ୟ ଲେଖ ନାହିଁ, ଗୋଟିଏ ବାକ୍ୟରେ ୧୦ ବା ୧୨ରୁ ଅଧିକ ଶବ୍ଦ ରଖ ନାହିଁ, ୨. ପ୍ରତି ବାକ୍ୟ ସ୍ପଷ୍ଟ ବକ୍ତବ୍ୟଟିଏ ପ୍ରକାଶ କରୁ, ୩. ପୂର୍ବ ବାକ୍ୟର ବକ୍ତବ୍ୟକୁ ପର ବାକ୍ୟଟି ପୁଷ୍ଟ କରୁ, ୪. ପରିଚ୍ଛେଦଟିଏ ଭଲ ହେବ, ଯଦି ତହିଁରେ ସ୍ପଷ୍ଟ ଓ ପାରସ୍ପରିକ ସମ୍ବନ୍ଧଯୁକ୍ତ, ଯହିଁରେ ସ୍ପଷ୍ଟ ଓ ସମ୍ବନ୍ଧଯୁକ୍ତ ବାକ୍ୟଗୁଡ଼ିଏ କ୍ରମିକଭାବେ ରହିଥିବେ, ୫. ବାକ୍ୟରେ ଓଜନିଆ ଶବ୍ଦ ବ୍ୟବହାର କରନାହିଁ, ୬. ଯେଉଁ ଶବ୍ଦର ଅର୍ଥ ସମ୍ପର୍କରେ ତୁମେ ନିଶ୍ଚିତ ନୁହ, ସେପରି ଶବ୍ଦ ପରିହାର କର, ଏବଂ ୭. ଅନିର୍ଦ୍ଦିଷ୍ଟତାକୁ ଆଡ଼େଇଯାଇ ନିର୍ଦ୍ଦିଷ୍ଟତାକୁ ପ୍ରାଧାନ୍ୟ ଦିଅ।

ନଇପଲ୍‌ଙ୍କ ମତାମତ ସମାଲୋଚନାର ଶିକାର ହୋଇଛି ସତ, କିନ୍ତୁ ତାଙ୍କ ଲେଖାର ଶୈଳୀ ନେଇ କେହି କେବେ ଅଙ୍ଗୁଳି ଉଠାଇ ନାହାନ୍ତି। ତାଙ୍କ ମତରେ 'ଭାବନା ହିଁ ହେଉଛି ଶୈଳୀ' (style is thought)। ଉପନ୍ୟାସକୁ ସେ ଏକ 'ଅବସ୍ଥାଚକ୍ର' (sequence) ବୋଲି ବିଚାରୁଥିଲେ। ଯେଉଁ ଅକ୍ସଫୋର୍ଡକୁ ନଇପଲ୍ ନାକ ଟେକୁଥିଲେ, ସେଇ ବିଶ୍ୱବିଦ୍ୟାଳୟ ତାଙ୍କୁ ସମ୍ମାନସୂଚକ ଡି.ଲିଟ୍ ଦେଲାବେଳେ ପ୍ରଶସ୍ତିପତ୍ରରେ ତାଙ୍କୁ 'ଶାର୍ପ-ଆଇଡ୍ ଅବ୍‌ଜାର୍ଭାର ଅଫ୍ ହ୍ୟୁମ୍ୟାନିଟି' ବୋଲି ଅଭିହିତ କରିଥିଲେ। 'ଇଣ୍ଡିଆ: ଏ ମିଲିୟନ୍ ମିଉଟିନିଜ୍ ନାଓ' ବହି ପ୍ରସଙ୍ଗରେ ନଇପଲ୍ ଏକ ସାକ୍ଷାତ୍‌କାରରେ କହିଥିଲେ- ''This book on India is not oral history: it's an account of a civilization at a hinge moment.'' ଟାଇମ୍‌ସ ସାହିତ୍ୟ ପତ୍ରିକାକୁ ୧୯୯୪ ସେପ୍ଟେମ୍ବର ୨ ତାରିଖରେ ଦେଇଥିବା ଅନ୍ୟଏକ ସାକ୍ଷାତ୍‌କାରରେ କହିଥିଲେ- ''If I'm writing a book like the Indian book, I'm passionate about accuracy. I'll never alter a word that people spoke.''

ନଇପଲ୍ ପେଡ଼ିମୁଦା ସାହିତ୍ୟିକ ନ ଥିଲେ, ଥିଲେ ଖୋଲାମେଲା, ଉଭୟ ଭାଷା ପ୍ରୟୋଗ ଓ ବିଷୟ ବୟନରେ। ସେ ଥିଲେ ଆତ୍ମସ୍ଥ ଓ ସ୍ଥିତପ୍ରଜ୍ଞ। ସମାଜର ପତନ ଓ ଧାର୍ମିକ ଉଗ୍ରବାଦ ବିରୋଧରେ ଥିଲେ କଠୋରବାକ୍। ମୁଣ୍ଡ ଉପରେ ନିନ୍ଦାର ଝଡ଼ ବହିଗଲେ ଯାଉ ପଛେ, ସେ କିନ୍ତୁ ସେସବୁ ପ୍ରତି ଥିଲେ ଅମନଯୋଗୀ, ମନ ତାଙ୍କର ଥିଲା ପର ବହିଟିର ରଚନାକୁ ଆଗେଇ ନେବାରେ। 'ପଛୁଆ ଜାତି' ବୋଇଲେ ନଇପଲ୍ ବୁଝୁଥିଲେ ବୁଦ୍ଧିବୃତ୍ତିରେ ପଛୁଆ ଜନଗୋଷ୍ଠୀକୁ। ଏକ ପ୍ରଶ୍ନର ଉତ୍ତର ଦେଇ ୧୯୮୦ରେ ସେ କହିଥିଲେ- 'Those countries whose intellectual horizons are very limited'- ସେହିମାନେ ପଛୁଆ। 'It has nothing to do with race or color.' ଏକ ସମୟରେ ଇଂଲଣ୍ଡର ଲୋକେ ବି ତାଙ୍କ ନଜରରେ ଥିଲେ ପଛୁଆ।

ନଇପଲ୍‌ଙ୍କ ପରଲୋକ ହୋଇଛି ୮୫ ବର୍ଷ ବୟସରେ। ତାଙ୍କ ଅବର୍ତ୍ତମାନରେ ଆଜି ତାଙ୍କ ସାହିତ୍ୟକୃତି ଉପରେ ଦୃଷ୍ଟି ପକାଇଲେ ମନେହୁଏ, ସାହିତ୍ୟ ସମ୍ପର୍କରେ ତାଙ୍କ ଅବଧାରଣା ସତରେ କେତେ ଯଥାର୍ଥ! ସେ କହିଥିଲେ- ''ସାହିତ୍ୟ ଉଦ୍ଦିଷ୍ଟ ସେଇ କ୍ଷତାକ୍ତ ଓ କ୍ଷତିଗ୍ରସ୍ତଙ୍କ ପାଇଁ, ଯେଉଁମାନେ ତାକୁ ପଢ଼ନ୍ତି ଖୋଜିବାକୁ ନିଜ ଅଭିଜ୍ଞତାର ପ୍ରତିଧ୍ୱନି ଓ କ୍ଷୟକ୍ଷତିର କିୟତ୍ ଉପଶମ''- ଯାହା କାଲି ବା ଆଜିର ନୁହେଁ, ସାହିତ୍ୟ ପ୍ରସଙ୍ଗରେ କାଳ କାଳର ସତ୍ୟ।

*ପ୍ରସ୍ତୁତି: ଡ. ହୃଷୀକେଶ ମଲ୍ଲିକ*

# କବିତା

## ମାଟି

**ଅସୀମା ସାହୁ**

ମାଟିର
ସବୁଠୁଁ ଭଲ ଗୁଣ ହେଲା
ମାଟି ଧୋଇଯାଇପାରେ
କିନ୍ତୁ
ତା’ ଉପରେ ତୁମର ବିଶ୍ୱାସ
ସେ ଅତୁଟ ରଖିଥାଏ...

ତାକୁ
ହାଣି ପକାଅ କି ବନ୍ଧେଇଦିଅ
ଭାଙ୍ଗିଦିଅ କି ଯୋଡୁଥାଅ
କଣ୍ଢେଇ କର ବା ଈଶ୍ୱର
ଦେଉଳ କି ଘର
ଫରକ କ’ଣ ?

ମେଘ ପବନ ଖରା ବର୍ଷା
ଶୀତ କାକରରେ ବି ଚମକେ
ତାକୁ
ଯେତେ ଯେତେଥର ହାଣୁଥାଅ
ସେତେ ସେତେଥର
ତୁମ ପାଇଁ ସେ
ବୀଜଟିଏ ଜନ୍ମ ଦେଉଥାଏ...

ମାଟିର
ସବୁଠୁଁ ଭଲ ଗୁଣ ହେଲା
ମାଟି ଧୋଇଯାଇପାରେ
କିନ୍ତୁ ପରିତ୍ୟକ୍ତ ଶବକୁ ବି ତୁମ
କୋଳେଇ ନେଇ
ଶିବସତ୍ତାରେ ମିଳେଇ ଦେଇଥାଏ...

ମାଟି ତ କେବଳ ମାଟି
ତା’ର ବିକଳ୍ପ ନ ଥାଏ !!

*– ମଧୁବନ, ବାରିପଦା*

## ସାପ

**ସୁବାସ ଚନ୍ଦ୍ର ମହାପାତ୍ର**

ସେଇ ସାପଟିକୁ ଦେଖୁଥିଲି
ଜାଣେନା ତା’ର ଠିକଣା ।

ଚିନ୍ମୟୀ କହିଲା–
ସାପ ଯାଇଥିବା ରାସ୍ତାଟି
ଖୁବ୍ ଅଙ୍କାବଙ୍କା ।
ମୁଁ କହିଲି–
ନା’ –
ସାପ ନିଜେ ଏକ ବକ୍ରଗତି
ତା’ ଜିଭରେ ବିଷ ବିଞ୍ଚେ
ଭାଙ୍ଗିପଡ଼େ ପ୍ରାସାଦ
ଶୁଖିଯାଏ ଚିରସ୍ରୋତା
ଦେଶଦ୍ରୋହୀ ହୁଏ ଦେଶଭକ୍ତ
ପାପୀ ହୁଏ ପୁଣ୍ୟାତ୍ମା,
ଦୂରନ୍ତ ବିଳରେ
ସେ ଲୁଚିଯାଏ ।

*– ମଧଖଣ୍ଡୀ,*
*ଶ୍ରୀବଳଦେବଜୀଉ,*
*କେନ୍ଦ୍ରାପଡ଼ା*



## ଆଶ୍ଚର୍ଯ୍ୟ ହେବା ସରେନାଇଁ

**ଯଶୋଧାରା ମିଶ୍ର**

ଆଶ୍ଚର୍ଯ୍ୟ ହେବା ତଥାପି ସରେନାଇଁ
ହଜାର ଘୋଷରା ଜିଇବାର ନିଦରୁ ବି
ଚେଇଁ ଉଠିବାକୁ ମଉକା ଦେଉଥାଏ ଦିନ ।

ବାଲ୍‌କନିରେ କାହୁଁ ପ୍ରଜାପତିଟିଏ
ଦେହରେ ବସିଯାଏ । ଚାଲୁଚାଲୁ
ବଳାଗଣ୍ଠି ମୋଡ଼ିଯାଏ ସଳଖ ବାଟରେ ।
ଘଟଣା ଅବିରତ ଅବାକ୍ କରୁଥାଏ ।

ଅଯୁତ ଥର ପାଇଁ ବିନ୍ଧିଯାଏ ଛାତି
ଠେଲି ଦିଆଯାଏ ଯେବେ ବାଢ଼ିଲା ତିଅଣ

କୋଉ କାଳ ଆମ୍ବଗଛ ଲଦିଦେଇ ବଉଳରେ
ଆଉରି ଥରେ ଉଲୁସାଇଯାଏ ପବନ ।

କୁନି ଝିଅଟି ନିଜ ମଥାରୁ ନେଇ ମାରିଦିଏ
ଚିକ୍‌ଚିକ୍ ଟିକିଲିଟିଏ ମୋ’ କପାଳରେ
କେବେ ବା ଆସେ ଉଷୁମ୍ ମୁହଁଟିଏ
ପରିଚୟ ମାଗେ, ଏକୁଟିଆ
ଅସରନ୍ତି ଯାତ୍ରାବେଳେ ।

*– ଡି–୧୩୮, ଡିଫେନ୍ସ କଲୋନୀ,*
*ନୂଆଦିଲ୍ଲୀ– ୧୧୦୦୨୪*



## କବି

**ଲିଙ୍ଗରାଜ ମହାନ୍ତି**

ଭାବ ଜଗତର ଖିଆଲି ସମ୍ରାଟ୍‌ଟିଏ
ବନ୍ଧା ପଡ଼ିଥାଏ
ଶବ୍ଦର ହିଲ୍ଲୋଳରେ...

କେବେ ସବୁଜ ବନାନୀର
କୁଳୁକୁଳୁ ଝରଣା ତ
କେବେ ଟାଙ୍ଗରା ଭୂଇଁର
ଥୁଣ୍ଟାଗଛ ।
କେବେ ପୁଲକିତ ତ,
କେବେ ବିଷାଦିତ ।

କେହି ଖୁସି ହେଉ, ନ ହେଉ
କେବେ ସେ ଅନାସକ୍ତ ତ,
କେବେ ମୋହାବିଷ୍ଟ...

ଶବ୍ଦର ଛକିଶୂନ ଖେଳୁଖେଳୁ
କବିତାଟିଏ ଓହ୍ଲେଇ ଆସେ ତ
ନିର୍ବାଣ ବିଭୋର ହୁଏ
କବିର ହୃଦୟ ।

*–ଅରଢ଼ିଆପଦା, ମହୀଧରପଡ଼ା, କଟକ*



## ଈଶ୍ୱରଃ ଅନ୍ୟମନସ୍କ

**ଚକ୍ରପାଣି ପରିଚ୍ଛା**

ଏବେ ଈଶ୍ୱରଂକ ପାଳି ।

ଦେଶାଂତର ହେବାର ବାଧବାଧକତା
ଖୁବ୍ ବାଧୁଚି ଈଶ୍ୱରଂକୁ
ନିଜେ ବି ଜାଣଂତିନି
କୋଉ ସୀମାରେଖା ପାର୍ ହେଇ
ପଶିଆସିଚଂତି
ଅନୁପ୍ରବେଶକାରୀ ପରି !

ଏଠି ଏବେ
ଚାଖଂଡକ ଭୂଇଁରେ
ପାଦଥାପିବା ମନା । ମନା ବି
ମୁଂଡ ଉପରର ଆକାଶ
ଚଳେ ପାଣି କି ଆଂଜୁଳାଏ ପବନ
କୋଉଥିରେ ବି ନ ଥାଏ ଦାବି
ନିଜର ବୋଲି ।

ଚିହ୍ନା ମଣିଷଟେ
ଅଚିହ୍ନା ପାଲଟିଯାଏ ଅଚାନକ
ଆଇନାର ଆଇନରେ ।
ଫର୍ଦ୍ଦେ କାଗଜରେ
କି ତାକତ୍‌ଥାଏ କେଜାଣି
ଓଲଟପାଲଟ କରିଦେଇପାରେ
ଗୋଟେ ମଣିଷର ନିର୍ବିବାଦ ମାନଚିତ୍ର ।

ବିଶ୍ୱାସର ବଂଧ ଭାଂଗିଯାଏ
ଭାଂଗିଯାଏ ମାନବିକତାର ମେରୁଦଂଡ
ନିଜ ପରିଚୟ ଏବେ
ନିଜ ପାଇଁ ଅଲୋଡ଼ା ।

କେହି ବି ଜାଣଂତିନି
କାହାର ସୀମା ସରହଦ ଥାଏ ଏଠି
ଆକାଶର କି ପବନର
ଅଥବା ସମୁଦ୍ରର !

ଅଥଚ କେହି ଜଣେ
ପୋଛିନିଏ ଆକାଶର ନୀଳରଂଗ
ଶୋଷିନିଏ ସମୁଦ୍ରର ଉଦାରତା
ଏବଂ ଅଟକେଇନିଏ
ପବନର ନୀରବ ନିଃଶ୍ୱାସ ।

ରୁଗ୍‌ଣ ମାନସିକତାର ଜାଲରେ
ଛଂଦି ହେଇଯାଏ ପକ୍ଷୀ
ଚତୁର ଶିକାରୀ
ଭାଂଗିଦିଏ ଡେଣାହଳକ ।

ଦେଶାଂତର ବୋଧେ
ଠିକ୍ ମଣିଷର ଭୁଲ୍ ଠିକଣା
ଯାହାର କିଛି ବି ଅଧିକାର ନ ଥାଏ
ବଂଚିବା ପାଇଁ
ନିଜ ସ୍ୱପ୍ନର ମାଟିରେ ।

*–ବୈପାରିଗୁଡ଼ା, କୋରାପୁଟ*

# ଲେଖକଙ୍କୁ ସ୍ୱୀକୃତି ଦିଏ ପାଠକଙ୍କ ମତ, ପୁରସ୍କାର ନୁହେଁ...

**ସୟଦ୍ ସଫିର୍ ଅଲିଙ୍କ ଜନ୍ମ ୨୫ ଅକ୍ଟୋବର ୧୯୬୩ରେ, ଢେଙ୍କାନାଳ ସହରରେ। ସୟଦ୍ ସ୍ୱୀକାର କରନ୍ତି ଯେ ଦୈନିକ 'ଧରିତ୍ରୀ' ହିଁ ଦେଇଛି ତାଙ୍କୁ ଲେଖକ ଭାବେ ସ୍ୱୀକୃତି, ଯାହାକୁ ସେ ଯେକୌଣସି ଉଚ୍ଚମାନର ପୁରସ୍କାରଠାରୁ ବଡ଼ ମନେକରନ୍ତି। ସମସାମୟିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ନିଜର ମୌଳିକ ଭାବନା ପାଇଁ ତାଙ୍କ ଲେଖାଗୁଡ଼ିକ ପାଠିକାପାଠକ ଓ ବୁଦ୍ଧିଜୀବୀମାନଙ୍କୁ ପ୍ରଭାବିତ କରିଥାଏ।**






ସୟଦ୍ ସଫିର୍ ଅଲି

ଅଶୀ ଦଶକର ଏକ ଶନିବାର। 'ପିଲାଙ୍କ ଧରିତ୍ରୀ'ରେ ମୋ' ଲେଖା 'କମ୍ପ୍ୟୁଟର କ୍ୟାଲେଣ୍ଡର'ଟି ପ୍ରକାଶିତ ହୋଇଥାଏ। ୧୨ଟି ମାତ୍ର ନମ୍ବର ବ୍ୟବହାର କରି ଇଂଲିଶ୍ କ୍ୟାଲେଣ୍ଡରର ଯେକୌଣସି ମାସର ଯେକୌଣସି ତାରିଖ କେଉଁ ବାରରେ ପଡ଼ିବ, ତାହାର ସୂତ୍ରଟିଏ ବର୍ଣ୍ଣନା କରି ଲେଖିଥିଲି। ଯାହାକି ଏବେ ସୁଦ୍ଧା ସେହି ସୂତ୍ରକୁ ବ୍ୟବହାର କରି ଲେଖାମାନ ବିଭିନ୍ନ ପିଲା ନୂଆବର୍ଷ ବେଳକୁ ପଠାଇଥା'ନ୍ତି। ସେଦିନ ଲେଖା ସହିତ ମୋ' ନାଁଟି ଦେଖି ଖୁବ୍ ପୁଲକିତ ହୋଇ ଉଠିଥିଲି। ବାପାଙ୍କୁ, ଭାଇଙ୍କୁ, ସାଙ୍ଗସାଥୀଙ୍କୁ ଏବଂ ପାଖଆଖ ସମସ୍ତଙ୍କୁ ଲେଖାଟି ଦେଖାଇଥିଲି ଏବଂ ମନେମନେ 'ଧରିତ୍ରୀ' ପ୍ରକାଶନ ନିକଟରେ କୃତଜ୍ଞ ହେଉଥିଲି। ଏହାର ଦୁଇଦିନ ପରେ ମୋ' ଠିକଣାରେ ସେହିଦିନର କପିଟିଏ ପୋଷ୍ଟାଲରେ ଆସି ପହଞ୍ଚିଲା। ପୋଷ୍ଟାଲରେ 'ଧରିତ୍ରୀ' ପେପରଟି ପାଇ ଆହୁରି ଖୁସି ହୋଇଯାଇଥିଲି। ମଝିରେ ମଝିରେ କିଛିକିଛି ଲେଖା 'ପିଲାଙ୍କ ଧରିତ୍ରୀ'ରେ ପ୍ରକାଶିତ ହେଉଥାଏ।

୩୦ ଜୁଲାଇ, ୨୦୧୦ ଶୁକ୍ରବାର ଦୈନିକ 'ଧରିତ୍ରୀ'ର ସମ୍ପାଦକୀୟ ପୃଷ୍ଠାରେ ମୋ' ଲେଖା "ସାମ୍ପ୍ରତିକ ସ୍ଥିତିରେ ମୁସଲମାନ" ପ୍ରକାଶ ପାଇଥିଲା। ଲେଖାଟି ଭାରତୀୟ ମୁସଲମାନଙ୍କ ପ୍ରତି ଅନ୍ୟମାନଙ୍କ ଭାବଧାରା ଓ ତାହାର ସ୍ଥିତି ଉପରେ ପର୍ଯ୍ୟବସିତ ଥିଲା। ବହୁ ପାଠକ, ଏପରିକି ବହୁ ବିଶିଷ୍ଟ ବ୍ୟକ୍ତି ଫୋନ୍ କରି ମୋତେ ଶୁଭେଚ୍ଛା ଜଣାଇଥିଲେ ଓ ଆଗକୁ ଲେଖା ଜାରି ରଖିବା ପାଇଁ ପରାମର୍ଶ ଦେଇଥିଲେ। ପ୍ରତ୍ୟେକ ଫୋନ୍ କଲ୍ ଗୋଟିଏ ଗୋଟିଏ ପୁରସ୍କାର ସଦୃଶ ଥିଲା।

ପରେପରେ ପାଠିକାପାଠକଙ୍କ ମତାମତ ମଧ୍ୟ ପ୍ରକାଶିତ ହୋଇଥିଲା। ସେଥିମଧ୍ୟରୁ ଜଣେ ପାଠକଙ୍କ ମତ ଥିଲା- "ଲେଖାଟି ଏତେ ବାସ୍ତବବାଦୀ, ଉଚ୍ଚ ଚିନ୍ତା ଓ ଭାବଧାରାରେ ସିକ୍ତ ଯେ ସତେ ଅବା ଏକ ଲକ୍ଷ ଶବ୍ଦ ସମ୍ବଳିତ ଏକ ପୁସ୍ତକର ସାରାଂଶ ଉପସ୍ଥାପିତ ହୋଇଛି।" ତେଣୁ ମୁଁ ଉପଲବ୍ଧି କରେ ଯେ, ପାଠିକାପାଠକଙ୍କ ମତାମତ ହିଁ ଜଣେ ଲେଖକକୁ ଲେଖକର ସ୍ୱୀକୃତି ଓ ମର୍ଯ୍ୟାଦା ଦିଏ ; ଯାହାକି କୌଣସି ବସ୍ତୁଗତ ପୁରସ୍କାରଠାରୁ କାହିଁ କେତେ ଗୁଣ ଅଧିକ। ଜଣେ ଲେଖକ ଭାବରେ ସ୍ୱୀକୃତି ମୋତେ 'ଧରିତ୍ରୀ'ରୁ ହିଁ ମିଳିପାରିଛି ଏବଂ 'ଧରିତ୍ରୀ' ହିଁ ମୋତେ ଜଣେ ଲେଖକର ପରିଚୟ ଦେଇଛି।


# ପୁସ୍ତକ ପରିଚୟ



## ଗୀତଗୋବିନ୍ଦମ୍


**ଅନୁବାଦିକା:** ସ୍ନେହଲତା ଷଡ଼ଙ୍ଗୀ
**ପ୍ରକାଶକ:** ଶ୍ରୀରୂପା, ଶ୍ରୀରାମନଗର, ଭବାନୀପାଟଣା
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ.୧୨୦/-

ବିଶ୍ୱବିଦିତ କବି ଶ୍ରୀଜୟଦେବଙ୍କ ସଂସ୍କୃତ 'ଗୀତଗୋବିନ୍ଦମ୍' ମହାକାବ୍ୟର ପୂର୍ଣ୍ଣାଙ୍ଗ ଓଡ଼ିଆ ଅନୁବାଦ କରିଛନ୍ତି ସୁଲେଖିକା ଷଡ଼ଙ୍ଗୀ। ଗ୍ରନ୍ଥାରମ୍ଭରେ ଲେଖିଛନ୍ତି ଏହି ମହାନ୍ ଗ୍ରନ୍ଥର ଅନୁବାଦ କାଳରେ ସେ ଅତିକ୍ରମ କରିଥିବା ନାନା ଅଲୌକିକ ଅନୁଭବର କଥା। ଏହି କାବ୍ୟାନୁବାଦରେ ରହିଛି ଶବ୍ଦାର୍ଥ, ଓଡ଼ିଆ ଗଦ୍ୟରୂପ ଓ ପଦ୍ୟରୂପ। ଶ୍ରୀଜୟଦେବଙ୍କ ପ୍ରତ୍ୟେକ ଗୀତ ପାଇଁ ଯେଉଁ ରାଗ ଓ ତାଳର ନିର୍ଦ୍ଦେଶ ମୂଳଗ୍ରନ୍ଥରେ ରହିଛି, ସେଇ ରାଗ ତାଳକୁ ଓଡ଼ିଆ ଅନୁବାଦରେ ଯଥାସାଧ୍ୟ ଅକ୍ଷୁଣ୍ଣ ରଖିବାକୁ ଯତ୍ନ କରିଛନ୍ତି ଅନୁବାଦିକା। ମୂଳଗ୍ରନ୍ଥର ଦ୍ୱିତୀୟ ସର୍ଗରେ ଥିବା "ହସ୍ତସ୍ରସ୍ତବିଳାସବଂଶ... ପଶ୍ୟାମି ହୃଷ୍ୟାମିଚ"ର ଅନୁବାଦ କରିଛନ୍ତି ସ୍ନେହଲତା ଏହିପରି: "ବ୍ରଜବାଳା ପରିବୃତ ହରିବୃନ୍ଦାବନେ/ମୋତେ ଦେଖି ଖସିଗଲା ବେଣୁ କୁଞ୍ଜବନେ/ଲାଜବଶ ହେଲେ ହରି/ ତାଙ୍କୁ ଦେଖି ହର୍ଷିତ ମୁଁ ଆଗୋ ସହଚରୀ/ଗୋପନାରୀ ମୋତେ ଦେଖି ଗଲେ ଅପସରି।" 'ଗୀତଗୋବିନ୍ଦମ୍'ର ଓଡ଼ିଆ ଗଦ୍ୟ ଓ ପଦ୍ୟରୂପ ଏତେ ସରଳ, ସାବଲୀଳ ଓ ଭାବବାହୀ ହୋଇଛି ଯେ, ଏପରି ଅନୁବାଦ ପୂର୍ବରୁ କେବେ ହୋଇଥିବା ମନେହୁଏ ନାହିଁ। ମହାକବି ଶ୍ରୀଜୟଦେବଙ୍କୁ ଓଡ଼ିଆ ପାଠିକାପାଠକଙ୍କ ପାଖରେ ପହଞ୍ଚାଇ ମୂଳଗ୍ରନ୍ଥର ରସାନନ୍ଦ ଦେବାରେ ବହିଟି ଯେ ସମର୍ଥ, ଏଥିରେ ସନ୍ଦେହ ନାହିଁ।




## ଭୁବନେଶ୍ୱର ଇତିହାସ

**ଲେଖକ:** କେଦାରନାଥ ମହାପାତ୍ର
**ପ୍ରକାଶକ:** କେଦାରନାଥ ଗବେଷଣା ପ୍ରତିଷ୍ଠାନ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୩୦୦/-




ପ୍ରଖ୍ୟାତ ପ୍ରତ୍ନତତ୍ତ୍ୱ ଓ ସଂସ୍କୃତି ଗବେଷକ ସ୍ୱର୍ଗତ କେଦାରନାଥ ମହାପାତ୍ରଙ୍କ ରଚିତ 'ଭୁବନେଶ୍ୱର ଇତିହାସ' ଗ୍ରନ୍ଥଟି ଏବେ ଏହି ଅନୁଷ୍ଠାନର କର୍ମକର୍ତ୍ତାଙ୍କ ଶ୍ରମ ଓ ଯତ୍ନ ବଳରେ ପ୍ରକାଶିତ ହୋଇଛି। ପୁସ୍ତକଟିକୁ ଲେଖକ ମହାପାତ୍ର ରଚନା କରିଥିଲେ ୧୯୩୩ରେ। 'ନାନା ପ୍ରାଚୀନ ପୋଥି, ଶିଳାଲେଖ ଓ ପୁରାଣରୁ ଭୁବନେଶ୍ୱରର ସ୍ୱଳ୍ପାଲୋଚିତ ବା ଅଜ୍ଞାତ ଐତିହ୍ୟକୁ ଅନୁସନ୍ଧାନ କରି ଲେଖକ ଏହି ଗ୍ରନ୍ଥଟି ପ୍ରସ୍ତୁତ କରିଛନ୍ତି। ନାନା ଐତିହାସିକ ଚରିତ୍ର ଓ ଧର୍ମଧାରଣା ଦ୍ୱାରା ପ୍ରଭାବିତ ହୋଇ ଭୁବନେଶ୍ୱରର କିପରି ଅଭ୍ୟୁତ୍‌ଥାନ ସଂଘଟିତ ହୋଇଛି, ତା'ର ସ୍ପଷ୍ଟ ଚିତ୍ର ପୁସ୍ତକଟିରୁ ପାଠକ ତଥା ଗବେଷକମାନେ ପାଇବେ। ପ୍ରଫେସର ଗୋପାଳକୃଷ୍ଣ ଦାଶ ଗ୍ରନ୍ଥର 'ପୁରୋବାକ୍'ରେ ଲେଖିଛନ୍ତି: "କେଦାରନାଥ ଭୁବନେଶ୍ୱରର ଐତିହ୍ୟ, ପୁରାତତ୍ତ୍ୱ ଓ ଧର୍ମଧାରାର କ୍ଷେତ୍ର ସର୍ବେକ୍ଷଣ କରିଛନ୍ତି। x x ଭୁବନେଶ୍ୱରର ମୁଖ୍ୟ ଓ ପ୍ରାସଙ୍ଗିକ ବିଷୟ ତାଙ୍କ ନିଜସ୍ୱ ଶୈଳୀରେ ଲୋକଲୋଚନକୁ ଆଣିଛନ୍ତି।" ମୋଟ ୧୧ଟି ଅଧ୍ୟାୟରେ ପୌରାଣିକ ବିବରଣ, ବୌଦ୍ଧ, ଶୈବ ଓ ବୈଷ୍ଣବ ଧର୍ମଧାରାର ବିକାଶ, ମନ୍ଦିର ଶିଳ୍ପ ଓ ସ୍ଥାପତ୍ୟର କ୍ରମୋତ୍ତରଣ, ଭୁବନେଶ୍ୱରର ପ୍ରମୁଖ ମନ୍ଦିରଗୁଡ଼ିକର କାଳ ନିର୍ଣ୍ଣୟ, ବିଭିନ୍ନ ଯାତ୍ରା-ଉପଯାତ୍ରା ଓ ବ୍ରିଟିଶ୍ ଶାସନରେ ଭୁବନେଶ୍ୱରର ସ୍ଥିତି ଆଦି ତଥ୍ୟନିଷ୍ଠ ଭାବେ ଗ୍ରନ୍ଥଟିରେ ଆଲୋଚିତ ହୋଇଥିବାରୁ ଏହାର ପ୍ରାମାଣିକତା ଗ୍ରନ୍ଥଟିର ପ୍ରସାରରେ ସହାୟତା କରିବ।

## ନୀରବତାର ନାଁ

**କବି:** କେ. ଶ୍ୟାମବାବୁ ଦୋରା
**ପ୍ରକାଶକ:** ବେଳାବାଲି, ଲୋଚାପଡ଼ା, ବ୍ରହ୍ମପୁର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୧୨୫/-

ମୋଟ ୪୨ଟି କବିତା ସ୍ଥାନିତ ଗ୍ରନ୍ଥଟିରେ। ପ୍ରାୟ କବିତାରେ କବି ଅତି ଅନ୍ତରଙ୍ଗତାର ସହିତ ସ୍ୱସମୟ ଓ ସ୍ୱଜୀବନକୁ ତୋଳିଧରିବାର ଚେଷ୍ଟା କରିଛନ୍ତି। 'ଲୁଚକାଳି' ଶୀର୍ଷକ କବିତାର ଏଇ ଅଂଶଟିକୁ ଦେଖନ୍ତୁ: "ଚାଲୁଚ ତ ଆଗରେ ଚାଲୁଥାଅ ଈଶ୍ୱର / ମୁଁ ଟିକେ ପଛରେ ଆସୁଚି,/ ପଛରେ ରହିଯାଇଚି ମୋର ଦୁର୍ଭାଗ୍ୟ/ ତାକୁ ହିଁ ଅପେକ୍ଷା କରିଚି। / ଦୁର୍ଭାଗ୍ୟ ନ ଥାଇ କେମିତିକା କବି ମୁଁ / କେମିତିକା ଶ୍ୟାମ ?/ ଦୁର୍ଭାଗ୍ୟ ବିନା ମୋ ରାସ୍ତା ସଇଲା ଜାଣ।" ଏହିଭଳି ଅଣଗତାନୁଗତିକ ଏକ ନୂଆ ରାସ୍ତାରେ କବି ଦୋରା ଗତିଶୀଳ ଗ୍ରନ୍ଥର ଅଧିକାଂଶ କବିତାରେ। ଅନୁଭବ ନୂଆ, ଗଠନରୀତି ନୂଆ। ଶ୍ୟାମଙ୍କ କବିତାର ସବୁଠୁଁ ଭଲ ଗୁଣଟି ହେଲା, ପାଠକ ଭାବି ନ ଥିବା ଢଙ୍ଗରେ ଭାବି ନ ଥିବା ପ୍ରସଙ୍ଗକୁ ଉତ୍‌ଥାପନ କରି ବିସ୍ମିତ କରିଦେବା। ଯାହା କୁହାସରିଛି, ତାକୁ ଆଉ ପ୍ରକାରେ କହିବାରେ ଥାଏ ନୂତନତା, ଯେଉଁ ନୂତନତାକୁ ପାଠକେ 'ନୀରବତାର ନାଁ'ରେ ପ୍ରତି ଛତ୍ରେଛତ୍ରେ ଭେଟିବେ। ଏଇ ସମୟର ଓଡ଼ିଆ କବିତାରେ ବହିଟି ଏକ ମୂଲ୍ୟବାନ୍ ସଂଯୋଗ।




## Burning Mountains

**ସମ୍ପାଦନା:** ସୁପ୍ରିୟା କର,
**ପ୍ରକାଶକ:** ଧଉଳି ବୁକ୍ସ, ଭୁବନେଶ୍ୱର
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୩୫୦/-

କଥାଶିଳ୍ପୀ ଗାୟତ୍ରୀ ସରାଫ୍‌ଙ୍କ ୧୪ଟି ଓଡ଼ିଆ ଗଳ୍ପର ବିଶ୍ୱସ୍ତ ଇଂଲିଶ୍ ଅନୁବାଦ ହେଉଛି ଆଲୋଚ୍ୟ ପୁସ୍ତକ। ଅନୁବାଦକମାନେ ହେଲେ- ଅନିଲ କୁମାର ଦାଶ, ଚିତ୍ତରଞ୍ଜନ ମିଶ୍ର, ଜ୍ୟୋତ୍ସ୍ନା ମହାପାତ୍ର, ଖୁସି ପଟ୍ଟନାୟକ, ମଧୁମିତା ଚାନ୍ଦ, ମନୋଜ କୁମାର ପଣ୍ଡା, ସୀମିତା ମହାନ୍ତି ଓ ସ୍ନେହପ୍ରଭା ଦାସ। 'ପ୍ରାକ୍‌କଥନ'ରେ ଉଲ୍ଲେଖ ଅଛି: "Gayatri Saraf's prose is simple, unpretentious and what distinguishes her most from her contemporaries is her use of the colloquial western Odishan dialect." ପ୍ରାନ୍ତିକ ଜନତାର ବ୍ୟଥା ଭାଷାର ଗଭୀରତାରେ ଯେପରି ଧରାଦିଏ ଗାୟତ୍ରୀ ଲେଖିଥିବା ତାଙ୍କ ଓଡ଼ିଆ ଗଳ୍ପମାନଙ୍କରେ, ଅନୁବାଦରେ ବି ଠିକ୍ ସେଗୁଡ଼ିକ ସେହିପରି ରୂପ ଘେନିଛି। ଗ୍ରନ୍ଥ-ସମ୍ପାଦିକା ସୁପ୍ରିୟା ଅନୁବାଦ କରିଥିବା ଗଳ୍ପର ଶୀର୍ଷକ "The Last Rites" ('ଶେଷକୃତ୍ୟ' ବା ଅନୁରୂପ କୌଣସି ନାଁ ମୂଳ ଓଡ଼ିଆ ଗଳ୍ପର ଶୀର୍ଷକ ହୋଇଥିବ)ର ଏଇ ଛୋଟ ପରିଚ୍ଛେଦଟି ଏହିପରି: "Pari ! There's a diary in my suitcase inside the wardrobe. There's an envelope for you. Open it on the day I breathe my last. Remember not to open it before or after, but on the day I die, before my dead body is carried out of the house." ମୂଳ ଓଡ଼ିଆର ଏପରି ବିଶ୍ୱସ୍ତ ଅନୁସରଣ କ୍ୱଚିତ୍ ଅନୁବାଦରେ ଦେଖିବାକୁ ମିଳେ। ତମାମ ବହିଟି ଏହିପରି ଓ ତେଣୁ ଏହାର ପ୍ରସାର ସମ୍ଭାବନା ଉଜ୍ଜ୍ୱଳ।




## କରୁଣାମୟ ଫକୀର

**ଲେଖକ:** ତୁଷାରକାନ୍ତ
**ପ୍ରକାଶିକା:** ସୁଧାଂଶୁବାଳା, କଜଳା, କେନ୍ଦ୍ରାପଡ଼ା
**ପ୍ରଥମ ପ୍ରକାଶ:** ୨୦୧୮, **ମୂଲ୍ୟ:** ଟ. ୩୦୦/-

ପରମପୂଜ୍ୟ ଶିରିଡ଼ି ସାଇବାବାଙ୍କ ଅଲୌକିକ ଲୀଳାକୁ ନେଇ ଗ୍ରନ୍ଥଟି ରଚନା କରିଛନ୍ତି ସାଇ ଆଶ୍ରିତ ତୁଷାରକାନ୍ତ। 'ଲୀଳା-୧'ରୁ 'ଲୀଳା-୪୫' ଏବଂ 'ଅବତାରଲୀଳା-୧'ରୁ 'ଅବତାରଲୀଳା-୫'ରେ ବର୍ଣ୍ଣିତ ପ୍ରସଙ୍ଗଗୁଡ଼ିକ ତୁଷାରକାନ୍ତଙ୍କ ବହୁ ଅଧିତ ପ୍ରଜ୍ଞା ଓ ମନନର ପରିଣତି। ଗ୍ରନ୍ଥଟି ଅତି ସରଳ ଭାଷାରେ ରଚିତ। ତେଣୁ, ବିଭିନ୍ନ ସ୍ତରର ପାଠିକାପାଠକଙ୍କ ପକ୍ଷେ ମନନଯୋଗ୍ୟ। ଶ୍ରୀ ଦତ୍ତାତ୍ରେୟଙ୍କ ପଞ୍ଚ ଅବତାର ଲୀଳା ମଧ୍ୟରେ ଶ୍ରୀଶ୍ରୀ ପାଦ ଶ୍ରୀବଲ୍ଲଭ, ଶ୍ରୀ ଅକ୍କଲକୋଟ ମହାରାଜ, ଶ୍ରୀ ମାଣିକ ପ୍ରଭୁ, ଶ୍ରୀ ଗଜାନନ ମହାରାଜ ଓ ଶ୍ରୀ ଶିରିଡ଼ି ସାଇବାବାଙ୍କ ଲୀଳା ମର୍ତ୍ତ୍ୟଲୋକରେ ପ୍ରକଟିତ। ସାଇବାବା ନାନା ଭକ୍ତଙ୍କ ସ୍ୱପ୍ନ ଓ ଚେତନାରେ କିପରି ଉପଲବ୍ଧ, ତା'ର ସୁନ୍ଦର ଉପସ୍ଥାପନା ଗ୍ରନ୍ଥଟିରେ ହୋଇଛି। ବିଭିନ୍ନ ସାଇ ଅନୁଷ୍ଠାନ ତଥା ଅବତାର-ପୁରୁଷଙ୍କ ବହୁରଙ୍ଗୀ ଫଟୋଚିତ୍ର ଗ୍ରନ୍ଥର ଶୋଭାବର୍ଦ୍ଧନ କରିବା ସହିତ ବହୁମୁଖୀ ସୂଚନା ପ୍ରଦାନରେ ସହାୟକ। ଆଶା, ଗ୍ରନ୍ଥଟି ସାଇ ଅନୁଗାମୀ ତଥା ସାଧାରଣ ପାଠିକାପାଠକଙ୍କ ପାଇଁ ଖୁବ୍ ପ୍ରୟୋଜନୀୟ ସାବ୍ୟସ୍ତ ହେବ।

